ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୧ ● ୨୬ ଫେବୃୟାରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-31 ● 26th February 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


ଅଶ୍ୱିନ ଓ କୁଲଦୀପଙ୍କ ଜାଲରେ ଫସିଲା ଇଂଲଣ୍ଡ, ଭାରତ ହାତ ମୁଠାରେ ରାଞ୍ଚି ଟେଷ୍ଟ






## ଆଧୁନିକ ଏବଂ ଦ୍ରୁତ ରେଳସେବା

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ₹41 ହଜାର କୋଟି ବ୍ୟୟରେ ସାରା ଦେଶରେ 554ଟି ରେଳ ଷ୍ଟେସନର ପୁନର୍ବିକାଶ ଏବଂ 1500 ରୋଡ୍ ଓଭର ବ୍ରିଜ/ ଅଣ୍ଡରପାସ୍‌ର ଶିଳାନ୍ୟାସ/ ଉଦ୍‌ଘାଟନ/ ରାଷ୍ଟ୍ର ପ୍ରତି ସମର୍ପଣ







## ଓଡ଼ିଶା ରେ

## 21ଟି ଷ୍ଟେସନର ପୁନର୍ବିକାଶ

| | | | | | |
|---|---|---|---|---|---|
| ରାୟଗଡ଼ା | କେସିଙ୍ଗା | ଜୟପୁର | ପାନପୋଷ | କେନ୍ଦୁଝରଗଡ଼ | ବ୍ରଜରାଜ ନଗର |
| ଭଦ୍ରକ | କୋରାପୁଟ ଜଙ୍କସନ୍ | ରଘୁନାଥପୁର | ବେତନଟି | ବିମଳାଗଡ଼ | |
| ବାଲେଶ୍ୱର | ସମ୍ବଲପୁର ସିଟି | ବେଲପାହାଡ଼ | ତାଳଚେର | ଜରୋଲି | |
| ଟିଟିଲାଗଡ଼ ଜଙ୍କସନ୍ | ଝାରସୁଗୁଡ଼ା ରୋଡ୍ | ପାରାଦୀପ | ପାରଳାଖେମୁଣ୍ଡି | ରାଇରଙ୍ଗପୁର | |

- ରୁଫ୍ ପ୍ଲାଜା, ସପିଙ୍ଗ୍ ଜୋନ୍, ଫୁଡ୍ କୋର୍ଟ, ପିଲାମାନଙ୍କ ଖେଳ ପରିସର ଇତ୍ୟାଦି ସୁବିଧା ସହିତ ସିଟି ସେଣ୍ଟର ରୂପରେ ପୁନର୍ବିକାଶ
- ଭିନ୍ନ ଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ବହୁସ୍ତରୀୟ ପାର୍କିଙ୍ଗ୍, ଲିଫ୍ଟ, ଏସ୍କାଲେଟର୍, ଏକ୍‌ଜିକ୍ୟୁଟିଭ୍ ଲାଉଞ୍ଜ, ପ୍ରତୀକ୍ଷାଳୟ, ଟ୍ରାଭେଲେଟର୍, ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ସୁବିଧା
- ମଲ୍ଟିମୋଡାଲ୍ କନେକ୍ଟିଭିଟିର ଏକୀକରଣ ଦ୍ୱାରା ଏହି ପୁନର୍ବିକଶିତ ଷ୍ଟେସନ ପରିସରଗୁଡ଼ିକ ସାମାଜିକ-ଆର୍ଥିକ କାରବାରର ପେଣ୍ଠସ୍ଥଳୀ ପାଲଟିବ

ଏବଂ

## 52ଟି ରୋଡ୍ ଓଭର୍ ବ୍ରିଜ୍/ଅଣ୍ଡରପାସ୍ ନିର୍ମାଣ

- ସଡ଼କ ଏବଂ ରେଳ ଯାତାୟାତରେ ଅବାଧ ଗମନାଗମନ
- ସ୍ଥାନୀୟ ଅଧିବାସୀଙ୍କୁ ରେଳପଥର ଉଭୟ ଦିଗକୁ ଯିବା ଆସିବାର ସୁରକ୍ଷିତ ଏବଂ ସୁଗମ ବ୍ୟବସ୍ଥା
- ଟ୍ରାଫିକ ସମସ୍ୟା ଦୂର, ଯାତ୍ରାକାଳୀନ ସମୟ ହ୍ରାସ

## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀଙ୍କ

ଦ୍ୱାରା

26 ଫେବୃଆରୀ, 2024 | ପୂର୍ବାହ୍ନ 11 ଘଟିକାରୁ

(ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ)

ଗରିମାମୟ ଉପସ୍ଥିତି

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରୀୟ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ରାଓସାହେବ ପାଟିଲ୍ ଦାନଓ୍ୱେ**
କେନ୍ଦ୍ରୀୟ ରେଳ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ

**ଦର୍ଶନା ଜରଦୋଶ**
କେନ୍ଦ୍ରୀୟ ରେଳ ଓ ବସ୍ତ୍ର ରାଷ୍ଟ୍ରମନ୍ତ୍ରୀ

D-22/23-24

DD NEWS ରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଫେବୃୟାରୀ ୨୦୨୪ ସୋମବାର



# ଚିତ୍ରାଙ୍କନ ମାଧ୍ୟମରେ ରେଳ ଷ୍ଟେସନର ରୂପାନ୍ତରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬.୦୨.୨୦୨୪ ତାରିଖ (ସୋମବାର) ଦିନ ଅମୃତ ଷ୍ଟେସନ ଯୋଜନା ଅଧୀନରେ ୫୫୪ ରେଳ ଷ୍ଟେସନର ପୁନର୍ବିକାଶ ସହିତ ୧୫୦୦ ରୋଡ ଓଭର ବ୍ରିଜ ଏବଂ ରୋଡ ଅଣ୍ଡର ବ୍ରିଜ ଗୁଡିକର ଭିଡିଓ କନଫରେନସିଂ ମାଧ୍ୟମରେ ଶିଳାନ୍ୟାସ କରିବା ସହିତ ଉଦ୍ଘାଟନ ଓ ଦେଶକୁ ସମର୍ପଣ କରିବେ ।
ଅମୃତ ଷ୍ଟେସନ ଅଧୀନରେ ପୂର୍ବତଟ ରେଳପଥର ର ୨୨ ଟି ଷ୍ଟେସନ୍ ପୁନର୍ବିକାଶ କରାଯିବ ଏବଂ ୩୦ ଦେଶ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ / ଦେଶକୁ ସମର୍ପଣ କରାଯିବ । ଏହି ପରିପ୍ରେକ୍ଷୀରେ, ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସହରରେ ଥିବା ବିଦ୍ୟାଳୟ ମାନଙ୍କରେ '୨୦୪୭: ବିକଶିତ ଭାରତର ବିକଶିତ ରେଳ' ପ୍ରସଙ୍ଗରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୭୮ ଟି ସ୍କୁଲ୍ ର ପ୍ରାୟ ୧୧୦୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ କୃତକାର୍ଯ୍ୟ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ସୋମବାର ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କୃତ କରାଯିବ । ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ୨୦୪୭ ସୁଦ୍ଧା ଆମ ଦେଶ ବିକାଶଶୀଳ ହାସଲ କରିବା ପାଇଁ ଭାରତୀୟ ରେଳ କିପରି ଆଧୁନିକୀକରଣ ପଥରେ କ୍ରମାଗତ ଭାବରେ ଆଗକୁ ବଢୁଛି ସେହି ସମ୍ବନ୍ଧରେ ଛାତ୍ରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ୨୦୪୭ ସୁଦ୍ଧା ଭାରତୀୟ ରେଳବାଇର ବିକଶିତ ସ୍ଥିତି ପାଇଁ ଯୁବ ପ୍ରତିଭାଶାଳୀ ପିଲାମାନଙ୍କ ମନରେ ଥିବା ଦୃଷ୍ଟିକୋଣ, ଧାରଣା, ପରାମର୍ଶ, ଆଶା ଏବଂ ଦୂରଦୃଷ୍ଟିକୁ ପରିପ୍ରକାଶ କରାଇବାପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ।





# ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ୫-ଟି ଅଧ୍ୟକ୍ଷ



**ଧାମନଗର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ସରକାରଙ୍କ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କ ଆଜି ଧାମନଗର ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଆନନ୍ଦପୁର ପଞ୍ଚାୟତର ମଲିମାହାରା ଏସ୍କେପ ବୈତରଣୀ ଓ କୋଚିଲା ନଦୀବନ୍ଧ ବୁଲି ଦେଖିଥିଲେ ପରେ ଅପରାହ୍ନ ୪.୩୦ ମିନିଟ ସମୟରେ ଧୁସୁରି ନିକଟସ୍ଥ ଆଇ ଜି ଏମ କଲେଜ ପଡିଆରେ। ସାଧାରଣ ସଭାରେ ଉପସ୍ଥିତ ହଜାର ହଜାର ସଂଖ୍ୟାର ଜନ ସାଧାରଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ ୫-ଟି ରୂପାନ୍ତରଣ, ଆମ ଓଡ଼ିଶା ନବୀନ ଓଡ଼ିଶା ଆଧାରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଜରିଆରେ ଧାମନଗର ରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଜୀବନଜୀବିକା ଆଦିର ରୂପାନ୍ତରଣ ପାଇଁ କୋଟି କୋଟି, ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇ ବିକାଶକୁ ତ୍ୱରାନ୍ୱିତ କରାଯାଉଥିବା ପ୍ରକାଶ କରିଥିଲେ । ବୈତରଣୀର ବାମପାଖ ଓ କୋଚିଲା ନଦୀର ବାମ ଏବଂ ଦକ୍ଷିଣ ପାର୍ଶ୍ୱବନ୍ଧ ସୁଦୃଢ଼ କରଣ ପାଇଁ ପ୍ରଦତ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ସେ ଘୋଷଣା କରିଥିଲେ । ଆଖୁଆପଦା ଠାରୁ ତିନତର ଘାଟ ପର୍ଯ୍ୟନ୍ତ ଏହି ବନ୍ଧ ସଶକ୍ତ ହେଲେ ବନ୍ୟା ନିୟନ୍ତ୍ରଣ କରାଯାଇ ପାରିବ । ବନ୍ଧ ରାସ୍ତା ସଶକ୍ତ ଓ ପ୍ରଶସ୍ତ ହେବା ଦ୍ୱାରା ଅଞ୍ଚଳବାସୀ ବିଶେଷ ଉପକୃତ ହେବେ । କୋଚିଲା ନଦୀର ଆଠଘରିଆ ଠାରେ ବ୍ୟାରେଜ ଦ୍ୱାରା ଜଳସେଚନ ଓ ମତ୍ସ୍ୟ ସମ୍ପଦ ଉଭୟ ଦିଗରେ କୂଳବାସୀ ଲାଭାନ୍ୱିତ ହେବେ । ଏହି ପରିପ୍ରେକ୍ଷୀରେ ସେ ପ୍ରକାଶ କରିଥିଲେ କି ବିରିଡ଼ି ଠାରୁ ତିନ୍ତର ଘାଟ ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ ହେବାପାଇଁ ୯୬.୩୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହାଦ୍ୱାରା ୧୭ଟି ଗ୍ରାମପଞ୍ଚାୟତ ବାସୀ ଉପକୃତ ହେବେ । ଆନୁମାନିକ ଏକ ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଏହା ଲାଭ ଦାୟକ ହେବ । ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୫୩,୮୭ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ସେ ପ୍ରକାଶ କରି ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ହେବା ସହିତ ବାମ ପାଖ ବନ୍ଧ ସଶକ୍ତ ହେବ ବୋଲି ସଚିବ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲିକ, ବସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟାମକେଶ ରାୟ, ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ସଞ୍ଜୟ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତିହିଡ଼ି ଅଧ୍ୟକ୍ଷା ଅବନ୍ତୀ ଦାସ, ଚାନ୍ଦବାଲି ଏନ ଏସିଅଧ୍ୟକ୍ଷା ଶାନ୍ତିଲତା ସେଠୀ, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲାପରିଷଦ ଉପାଦକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ପ୍ରିନ୍ସ ରାକେଶ ନାୟକ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ବିଜେଡ଼ି ଯୁବ ସଭାପତି ଭାରତ ବିଜୟ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଏସପି ବରୁଣ ଗୁଣ୍ଟୁ ପାଲି, ପି ଡି ସରଜ ଦତ , ପ୍ରଶାସନିକ ଅଧିକାରୀ ରାମ ଦାସ ଟୁଡୁ, ତହସିଲଦାର ଦୀପକ ଦାସ, ବିଡ଼ିଓ ବନବିହାରୀ ଦିନ୍ଧା, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଅତିରିକ୍ତ ତହସିଲଦାର ସାଇ ସିଲୋନ ପ୍ରମୁଖ ପ୍ରସାଶନିକ ଦାଇତ୍ୱରେ ଥିଲେ।

## ଦେବଗଡରେ 'ସ୍କିଲ୍ ଇଣ୍ଡିଆ ସେଣ୍ଟର ଲୋକାର୍ପିତ

# ବୈଶ୍ୱିକ ଢାଞ୍ଚାରେ ଭବିଷ୍ୟତର କାର୍ଯ୍ୟ ଉପରେ ଦିଆଯିବ ପ୍ରଶିକ୍ଷଣ : ଧର୍ମେନ୍ଦ୍ର




**ଦେବଗଡ଼, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଯୁବପିଢ଼ିଙ୍କ ସ୍କିଲିଂ ବଢାଇବା ଦିଗରେ ସମ୍ବଲପୁର ଓ ଢେଙ୍କାନାଳ ପରେ ଶନିବାର ଦେବଭୂମି ଦେବଗଡରେ ଏନଏସଡିସିର 'ସ୍କିଲ୍ ଇଣ୍ଡିଆ ସେଣ୍ଟର'(ଏସଆଇସି)ର ଲୋକାର୍ପଣ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେବଗଡ଼ ପାଇଁ ଆଜି ଏକ ଆନନ୍ଦର ଦିନ । ଦେବଗଡରର ପିଲା ମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଅଛି । ସେହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ନୂଆ ଭାରତର ପ୍ରସ୍ତୁତି ପାଇଁ ଯୁବବର୍ଗଙ୍କୁ ଅଧିକରୁ ଅଧିକ ଦକ୍ଷ କରିବା ଲକ୍ଷ୍ୟରେ ଦେବଗଡ଼ରେ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ସ୍କିଲ ଇଣ୍ଡିଆ ଓ ଏନଏସଡିସି ସହଯୋଗରେ ସ୍ଥାପିତ ହୋଇଥିବା ଏହି ସେଣ୍ଟରରେ ଦେବଗଡ଼ ସମେତ ଆଖପାଖ ଅଞ୍ଚଳର ଯୁବକ ଯୁବତୀଙ୍କୁ ଭବିଷ୍ୟତର କାର୍ଯ୍ୟ ଗୁଡିକ ଉପରେ ବୈଶ୍ୱିକ ଢାଞ୍ଚାରେ ପ୍ରଶିକ୍ଷଣ ଦିଆଯିବ। ଷ୍ଟୋରିବୋର୍ଡ ଆର୍ଟିଷ୍ଟ, ଗ୍ରାଫିକ୍ସ ଡିଜାଇନ, ଗେମିଂ, କାର୍ଟୁନ, ଗ୍ରାଫିକ ଆର୍ଟ, ଆତିଥେୟତା, ଆଇଟି ସହାୟକା, ଲେଦର ଶିଳ୍ପ ସମେତ ବଡ ବଡ଼ ରେଷ୍ଟୁରାଣ୍ଟରେ କାମ କରିବା ପାଇଁ ୧୦ଟି କ୍ଷେତ୍ରରେ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି । ତାଲିମ ନେବା ପରେ ସେମାନଙ୍କୁ ଟୁଲକିଟ୍ ଦିଆଯିବ । ବଡ ବଡ ସହରରେ ଅନୁଷ୍ଠାନ ଗୁଡିକ ଏହି ପ୍ରଶିକ୍ଷଣ ପାଇଁ ୫୦ ହଜାରରୁ ଲକ୍ଷେ ଟଙ୍କା ନେଉଥିବା ବେଳେ ଏନଏସଡିସି ସମେତ ଅନେକ ଶିଳ୍ପ ସମୂହର ସହଯୋଗରେ ସ୍ୱଳ୍ପ ମୂଲ୍ୟରେ ପିଲାଙ୍କୁ ତାଲିମ ଦିଆଯିବ । ବର୍ଷକୁ ୧୨୦୦ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ପ୍ରଶିକ୍ଷିତ ହୋଇପାରିବେ । ଦେବଗଡର ଯେଉଁ ପିଲାଟି ରେଷ୍ଟୁରାଣ୍ଟରେ କାମ କରି ଯେତେ ଦରମା ପାଉଛି, ଏହି ସ୍କିଲ ଇଣ୍ଡିଆ ସେଣ୍ଟରରୁ ଟ୍ରେନିଂ ନେଲେ ତା'ର ଦରମା ବୃଦ୍ଧି ହେବ । ଭାରତକୁ ବିଶ୍ୱର ଦକ୍ଷତା କ୍ଷେତ୍ରର ପେଣ୍ଠସ୍ଥଳୀ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନା ଅଛି । ବହୁସଂଖ୍ୟକ ଯୁବବର୍ଗର ଦେଶ ଭାରତ । ଭାରତର ଶକ୍ତି ଯୁବବର୍ଗଙ୍କ ମଧ୍ୟରେ ଅନ୍ତର୍ନିହିତ । ଆମର ଯୁବଶକ୍ତିଙ୍କୁ ଦକ୍ଷ ଓ ଆତ୍ମନିର୍ଭର କରିବା ମୋଦୀଙ୍କ ଗ୍ୟାରେଣ୍ଟି ହୋଇଛି । ଏହି ତାଲିମ୍ କେନ୍ଦ୍ର ଆଗାମୀ ଦନରେ ଯୁବକ ଯୁବତୀ ମାନଙ୍କୁ ରୋଜଗାର ଯୋଗାଇବା ସହ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବ । କର୍ମ କ୍ଷେତ୍ରରେ ଯୁବକ ଯୁବତୀଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ଦୁନିଆ ସହ ଯୋଡିବା ପାଇଁ ମୋଦି ସରକାର ପ୍ରତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି ମାମଲା : ୬ ଗିରଫ



**ବାଲେଶ୍ୱର, ନ୍ୟୁଜ**
ବାଲେଶ୍ୱର ପୋଲିସଙ୍କୁ ପୁଣି ଏକ ବଡ ସଫଳତା ମିଳିଛି । ଗତ କିଛି ବର୍ଷ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରୀ, ରାହାଜାନି, ଡକାୟତି କରୁଥିବା ବିଶେଷତଃ ମୋବାଇଲ ଟାୱାରରୁ ମୂଲ୍ୟବାନ ଲିଥିୟମ ବ୍ୟାଟେରୀ ଚୋରୀ କରୁଥିବା ଓ ଚୋରୀ ସାମଗ୍ରୀ ଶସ୍ତାରେ କିଣୁଥିବା ଦଳର ୬ଜଣ କୁଖ୍ୟାତ ଅଭିଯୁକ୍ତ ସଦସ୍ୟଂକୁ ଖନ୍ତାପଡା ଥାନା ପୋଲିସ କାବୁ କରିଛି । ଆଜି ସେମାନକୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ଠାରୁ ୩ଟି ୩୦୦ ଏ ଏଚ ର ଲିଥିୟନ ଆୟନ ବ୍ୟାଟେରୀ,ଗୋଟିଏ ସାମସଂଗ ଏଲ ଇ ଡି ଟିଭି,ଭୋଲ୍ଟାଜ ସ୍ପ୍ଲିଟ ଏସି, ପୁରୁଣା ଏସି କଂପ୍ରେସର ମେଶିନ ସହିତ ଚୋରୀ ମାଲ ବିକ୍ରି ଲବ୍ଧ ନଗଦ ୧ଲକ୍ଷ ଟଂକା ଜବତ କରାଯାଇଛି । ଏ ବାବଦରେ ଖନ୍ତାପଡା ଥାନା କେଶ ସଂଖ୍ୟା ୩୬/୨୦୨୪ ଦଫା ୪୫୭/୩୮୦ ଆଇ ପି ସି ଓ କେଶ ସଂଖ୍ୟା ୩୮/୨୦୨୪ ଦଫା ୪୫୭/୩୮୦ରେ ମାମଲା ରୁଜୁ କରି ତଦନ୍ତ ସମୟରେ ଏହି ଗ୍ୟାଂଗର ସୁରାକ ମିଳିଥିଲା। ପୁଲିସ ତଦନ୍ତ ସମୟରେ ଅଭିଯୁକ୍ତ ମାନେ ଚଳିତ ଫେବୃୟାରୀ ମାସର ୨୧ ତାରିଖରେ ବସ୍ତା ଥାନା ମାମଲା ସଂଖ୍ୟା ୩୫ ଓ ୨୩ ତାରିଖରେ ରୂପସା ଥାନାର ମାମଲା ସଂଖ୍ୟା ୨୧ ରେ, ୧୫ ତାରିଖରେ ଜଳେଶ୍ୱର ଥାନା ମାମଲା ସଂଖ୍ୟା ୮୯ରେ, ୧୭ ତାରିଖରେ ତାଳସାରୀ ସାମୁଦ୍ରିକ ଥାନା ମାମଲା ସଂଖ୍ୟା ୧୯ରେ ସଂପୃକ୍ତ ଥିବାର ଜଣାଯାଇଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଦଳ ପୂର୍ବରୁ ଟାଉନ ଥାନା ମାମଲା ସଂଖ୍ୟା ୨୩୩/୨୦୨୩,ଖନ୍ତାପଡା ଥାନା ମାମଲା ସଂଖ୍ୟା ୨୬୮/୨୧ ଓ ୧୮୦/୨୧ ରେ ମଧ୍ୟ ଅଭିଯୁକ୍ତ ଅଛନ୍ତି।

# ମୟୂରଭଞ୍ଜ ଜିଲ୍ଲାରେ ଅଫିମ ଚାଷ : ୧୩ହଜାର ଅଫିମ ଗଛ ପୋଡି ନଷ୍ଟ କରାଗଲା

**ବାରିପଦା, ନ୍ୟୁଜ ବ୍ୟୁରୋ**
ମୟୂରଭଞ୍ଜ ଜିଲ୍ଲା ରେ ନିଶା ବେପାର ଏବଂ ଚୋରା ଚାଲାଣ କ୍ରମଶ ବୃଦ୍ଧି ପାଉଥିବା ବେଳେ, ଏବେ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାଦ ଦେଶରେ ଅଫିମ ଚାଷ ହେବା ଭଳି ଖବର ମିଳିଛି. ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନ ଶିମିଳିପାଳ ସଂଲଗ୍ନ ୨ଟି ଗ୍ରାମରେ ବେଆଇନ ଚାଷ ହୋଇଥିବା ୨୬ଲକ୍ଷ ଟଙ୍କାର ୧୩ହଜାର ଅଫିମ ଗଛ ପୋଡି ନଷ୍ଟ କରାଯାଇଛି । ଅଫିମ ଚାଷ ବାବଦରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ମୟୂରଭଞ୍ଜ ଏସପି ଏସ. ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମିଳିତ ଚଢାଉ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ଯଶିପୁର ତହସିଲଦାରଙ୍କ ନେତୃତ୍ୱରେ କରଞ୍ଜିଆ ଏସଡିପିଓ, ଯଶିପୁର ଆଇଆଇସି, ଅବକାରୀ ଓ ବନବିଭାଗ ସହିତ ମିଳିତ ଭାବେ ସଦଳବଳେ ୨ଟି ଅଫିମ ଚାଷ ହୋଇଥିବା ଫିଲଡ଼ରେ ଚଢାଉ କରାଯାଇଥିଲା। ଜଶିପୁର ଥାନା ଅନ୍ତର୍ଗତ ପଡାଗଡ ପଞ୍ଚାୟତର ବୁନ୍ଦେଇପୋଷି ଗ୍ରାମରେ ୭ଡେସିମିଲ ଜମିରେ ଚାଷ ହୋଇଥିବା ୩ହଜାର ଅଫିମ ଗଛ ପୋଡି ନଷ୍ଟ କରା ଯାଇଥିବା ବେଳେ, ଏହାର ବଜାର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ଧଳବଣି ପଞ୍ଚାୟତର ଠାକୁରଗୋଡା ଗ୍ରାମରେ ୨୧ଡେସିମିଲ ଜମିରେ ୧୦ହଜାର ଅଫିମ ଗଛ ଚାଷ ହୋଇଥିବା ବେଳେ ଏହାକୁ ପୋଡି ନଷ୍ଟ କରାଯାଇଛି ଏବଂ ଯାହାର ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଯଶିପୁର ପୋଲିସ ପକ୍ଷରୁ ଏନଡିପିଏସ ଆକ୍ଟରେ ପୃଥକ ମାମଲା ରୁଜୁ ସହିତ ମିଳିତ ବିଭାଗର କର୍ମଚାରୀ ଗୋଟି ଗୋଟି ଗଛ ଉପାଡି ଠୁଳ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କିରୋସିନି ଢାଳି ନିଆଁ ଲଗାଇ ନଷ୍ଟ କରିଛନ୍ତି। ଘଟଣାରେ କାହାରିକୁ ଗିରଫ କରାଯାଇନଥିବା ବେଳେ ଜଡ଼ିତଙ୍କ ସମ୍ବନ୍ଧରେ ତଦନ୍ତ ଜାରି ରହିଛି ବୋଲି ପୁଲିସ ମୁଖ୍ୟାଳୟ ଡିଏସପି ଦୋଳମଣି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି. ତେବେ ଶିମିଳିପାଳରେ ଦୁଇଜଣ କାର୍ଯ୍ୟରତ ବନ କର୍ମଚାରୀଙ୍କୁ ଶିକାରୀମାନେ ଗୁଳିକରି ହତ୍ୟା କରିବା ପରେ ଶିକାରମୁକ୍ତ ଶିମିଳିପାଳ ପାଇଁ ଶିକାରୀଙ୍କ ଉପରେ କଡା ନଜର ରଖିବାକୁ ଯୁଗ୍ମ ଟାସ୍କଫୋର୍ସ ନିୟୋଜିତ ହୋଇ ପାଖାପାଖି ୧୯୦ ଟି ବେଆଇନ ବନ୍ଧୁକ ଜବଦ କରାଯାଇଛି । ମାତ୍ର ଏବେ ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ଅଫିମ ଚାଷ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହିତ ପୋଲିସ ଓ ବନ ବିଭାଗର ନିଦ ହଜେଇ ଦେଇଛି।



# ସାମୁଦ୍ରିକ ବିବାଦ ସମ୍ପର୍କିତ ମାମଲା : ଏମ.ଭି.ଦେବୀକୁ ଅଟକରଖ

**କଟକ, ନ୍ୟୁଜ ବ୍ୟୁରୋ**
ପାରାଦୀପ ବନ୍ଦରରେ ଏକ ସଂସ୍ଥାର ବର୍ଥରେ ଏମ.ଭି. ଦେବୀ ନାମକ ଜାହାଜ ନିର୍ଦ୍ଧାରିତ ସମୟଠାରୁ ଅଧିକ ଦିନ ରହିବା ଓ ଏହି ରହଣି ବାବଦ ଦେୟ ବିବାଦକୁ ନେଇ ଏହି ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ସାମୁଦ୍ରିକ ବିବାଦ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ସମ୍ପୃକ୍ତ ଜାହାଜକୁ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଏ ସଂକ୍ରାନ୍ତୀୟ ସାମୁଦ୍ରିକ ବିବାଦ ସମ୍ପର୍କିତ ମୂଳ ମାମଲାର ମାର୍ଚ୍ଚ ୭ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସଂସ୍ଥାର ବର୍ଥରେ ଜାହାଜଟି ଧାର୍ଯ୍ୟ ସମୟଠାରୁ ଅଧିକ ଦିନ ରହିଛି । ଜାହାଜ ନିକଟରୁ ୭ କୋଟି ୯୫ ଲକ୍ଷ ୪୭ ହଜାର ୧୭୦ ଟଙ୍କା ଭଡା ଓ ଅନ୍ୟାନ୍ୟ ବାବଦରେ ଆଦାୟ ହେବା କଥା । ଏହା ପଇଠ ହୋଇ ନଥିବାରୁ ଆବେଦନକାରୀ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମୂଳ ମାମଲା ବିଚାରାଧୀନ ଥିବା ବେଳେ ଆଡମିରାଲ୍ଟି (ଜୁରିସଡିକ୍ସନ୍ ଆଣ୍ଡ ସେଟେଲମେଣ୍ଟ ଅଫ୍ ମାରିଟାଇମ୍ କ୍ଲେମ୍ସ) ଆଇନ ୨୦୧୭ ଅନୁସାରେ ଜାହାଜକୁ ଅଟକ ରଖାଯାଉ ବୋଲି ଅନ୍ତରୀଣ ଆବେଦନରେ ଉଲ୍ଲେଖ କରାଯାଇଥିଲା । ସୂଚନାଥାଉକି ବିଦେଶରୁ ପରାଦୀପ ବନ୍ଦରକୁ ଆସିଥିବା ଏହି ଜାହାଜରୁ ଗତ ୨୦୨୩, ନଭେମ୍ବର ୩୦ରେ ୨୨ଟି ପ୍ୟାକେଟରେ ଥିବା କୋକେନ ଜବତ ହୋଇଥିଲା । ପାରାଦୀପ ବନ୍ଦରରେ ଏହି ଜାହାଜ ଅଟକି ରହିଥିଲା ବେଳେ କାର୍ଗୋ ଟର୍ମିନାଲ ସଂସ୍ଥାକୁ ତାର ଭଡା ଓ ଅନ୍ୟାନ୍ୟ ବାବଦ ପ୍ରାପ୍ୟ ଦିଆଯାଉନଥିଲା ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୬।୨।୨୦୨୪, ଫାଲଗୁନ ଦି୧୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬/୧୪/୩୮ ଚନ୍ଦ୍ରୋଦୟ- ରାଘ୧।୧୭।୧୧**

**ଦଶମୀ-** ଦିଘ ୮/୫୧ ପର୍ଯ୍ୟନ୍ତ। **ମୃଗଶିରା ନକ୍ଷତ୍ର-** ଦିଘ ୧୦/୩୪ ପର୍ଯ୍ୟନ୍ତ। **ମିଥୁନଚନ୍ଦ୍ର-** ଅରୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, ମିଥୁନ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-**କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ପାର୍ବଣଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ୍ବ ଶାଗ ଦଘ ୮/୫୧ ପରେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬/୧୭ ଗତେ ଘ ୭/୪୩ ମଧ୍ୟେ, ଦିଘ ୧୦/୫୨ ଗତେ ଘ ୧ / ୦୯ ମଧ୍ୟେ। **ପ୍ରର୍ବୋତ୍ସବ-**ଛାତ୍ରପତି ଶିବାଜୀ ଜୟନ୍ତୀ।


**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।


**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।


**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।


**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।


**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।


**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।


**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।


**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।


**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।


**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।


**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।


**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

# କୃଷକ ହତ୍ୟା ବିରୋଧରେ କେନ୍ଦ୍ରାପଡାରେ କଳା ଦିବସ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**
ପାବ ହରିୟାନା ସୀମାର ଖାନାଉରୀ ଠାରେ ଆନ୍ଦୋଳନ ରତ କୃଷକ ମାନଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ରେ ମୃତ୍ୟୁବରଣ କରିଥିବା ଶୁଭକରଣ ସିଂହଙ୍କ ହତ୍ୟା ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ କେନ୍ଦ୍ରାପଡାରେ କଳା ଦିବସ ପାଳନ କରାଯାଇଛି । ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡା ଠାତରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ନିକଟରେ କଳା ଦିବସ ପାଳନ କରାଯିବା ସହ ପ୍ରତିବାଦ ସଭାର ଆୟୋଜନ କରାଯାଇ ଥିଲା । କୃଷକଙ୍କ ଉପରକୁ ରବର ଗୁଳିମାଡ କରିବାକୁ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ନ୍ୟାୟିକ ତଦନ୍ତ କରିବା ଦାବି କରାଯାଇଛି । ଏହା ସହ ସୋମବାରରେ ଟ୍ରାକ୍ଟର ପଟୁଆର ଆୟୋଜନ କରାଯିବ ବୋଲି ସଭାରେ ଘୋଷଣା କରାଯାଇ ଥିଲା । ଏଥିରେ କର୍ମଚାରୀ ନେତା ବୈଷ୍ଣବ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ରମଣୀ ରଞ୍ଜନ ରାଉତରାୟ, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ସୂର୍ଯ୍ୟକାନ୍ତ ପରିଡା, ଆଦିକନ୍ଦ ରାଉଳ, ସୁହାନା ବେଗମ , ମୁକ୍ତାର ଖାନ, ଫକୀର ଚରଣ ଖଟୁଆ, ଏଲିନା ସାମନ୍ତରାୟ, ମହେନ୍ଦ୍ର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ ।





କୁମ୍ବଲେଙ୍କ ଦୀର୍ଘ ଦିନର ରେକର୍ଡ ଭାଙ୍ଗିଲେ ଅଶ୍ୱିନ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୧ ● ୨୬ ଫେବୃୟାରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-31 ● 26th February 2024, Monday ● Bhubaneswar

Licensed to post without pre-payment of postage No- BN-60/22-24





ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତରେ ୩ କୋଟି ଲୋକ ଗାଡ଼ି କିଣିବାରେ ସକ୍ଷମ

**ଦେ**ଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍‌ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍‌ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ପାଣିକବିଙ୍କ ଆତ୍ମକାହାଣୀ - ଏକ କାଳଜୟୀ ଆତ୍ମଲିପି (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

**(ପୂର୍ବ ପ୍ରକାଶନ ଉତ୍ତାରୁ)**

ଅନ୍ଧବିଶ୍ୱାସ, କୁସଂସ୍କାରପୂର୍ଣ୍ଣ ପ୍ରାକ୍ ସ୍ୱାଧୀନତା ଓଡିଶା ଜନଜୀବନ। ଅଶିକ୍ଷା ଏହାର ମୁଖ୍ୟ କାରଣ। କେବଳ ସେତିକି ନୁହେଁ; ପ୍ରଥା ପରମ୍ପରା ମୋହଗ୍ରସ୍ତ ସମାଜ। ଏଥିରୁ ସାମାନ୍ୟ ବିଚ୍ୟୁତି, କରେ ଲୋକ ହସା, ଲୋକ ନିନ୍ଦା ହିଁ ସାର ହୁଏ। ଅତୀତରେ ଅସ୍ପୃଶ୍ୟତା ରୂପୀ ମହାବ୍ୟାଧିରେ ଊଣା ଅଧିକେ ଥିଲେ ସମସ୍ତେ ଆକ୍ରାନ୍ତ। ଏ ପରିପ୍ରେକ୍ଷୀରେ ଜାତି ଜାତି ମଧ୍ୟରେ ବ୍ୟବହାର ପ୍ରଶ୍ନ ନଥିଲା। କିନ୍ତୁ ପ୍ରେମ କ୍ଷେତ୍ରରେ ଏ କଥାଟିର କୌଣସି ମୂଲ୍ୟ ନାହିଁ । ପ୍ରେମିକ ପ୍ରେମିକାଙ୍କ ପାଇଁ ଜାତି ପତି ବା କି ବାରଣ ? ପ୍ରେମ ତ ଅଜର, ଅମର, ଶାଶ୍ୱତ। ଏହା ସାହସୀକରେ; ଭୀରୁ, ଭୟକାତର ମାନଙ୍କୁ ବଳୀୟାନ କରିଦିଏ। ତଥାପି ଅନ୍ୟଜାତିର ବିବାହକୁ ସମାଜ ଠିକ୍ ଭାବେ ନିଏନି। ସର୍ବତ୍ର ନାସିକାକୁଞ୍ଚନ। ଅଧୁନା ଏ ପ୍ରକାର ସ୍ଥିତାବସ୍ଥା ସମାଜରେ ନାହିଁ। ପରାଧୀନ ଦେଶରେ ଏହାର ଭୟାବହତା ଥିଲା ଅତି ଉତ୍କଟ। ସମାଜଚ୍ୟୁତ ହେଲେ ବାସନ୍ଦ ଅବସ୍ଥା ଲାଗୁ ହୁଏ । ନିଆଁ ପାଣି ସବୁ ବନ୍ଦ। ଜୀବନ ଦୁର୍ବିସହ ପାଲଟେ। ଠିକ୍ ଏଇ କଥାଟି ଘଟିଲା ପାଣି କବିଙ୍କ କପାଳରେ । ହାରାମଣି ରଜକୀର ହାତ ଧରି ସେ ହେଲେ ହଟହଟା, ଘରଦ୍ୱାର, ଗାଁ ଛାଡିଲେ। ଜୀବନ ବିତାଇଲେ ବିରୂପା ନଦୀ କୂଳରେ। ପରକୀୟା ପ୍ରୀତିରେ ଝଲସି ଉଠିଲା ଦାମ୍ପତ୍ୟ ଜୀବନ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହାତ୍ମାଗାନ୍ଧିଙ୍କ ଓଡିଶାରେ 'ହରିଜନ ପଦଯାତ୍ରା' ର ଗଭୀର ପ୍ରଭାବ ପଡିଲା ସମାଜ ଉପରେ। ଛୁଆଁ, ଅଛୁଆଁ ଭେଦଭାବ କ୍ରମେ ହ୍ରାସ ପାଇଲା। ଉତ୍ସାହୀ ଯୁବକ ମାନଙ୍କର ଜାତି ଜାତି ମଧ୍ୟରେ ବିବାହ ସମ୍ପନ୍ନ ହେଲା। କିନ୍ତୁ ବୈଷ୍ଣବପାଣି ହରକୁ ବିବାହ କରିଥିଲେ ୧୯୦୭ ମସିହାରେ। ନିଷ୍ଠୁର ସାମାଜିକ ବ୍ୟବସ୍ଥା ମଧ୍ୟରେ ପାଣିଙ୍କ ଏ ପ୍ରକାର ସିଦ୍ଧାନ୍ତ କଣ କମ୍ ଦୁଃସାହସ ! ଶେଷରେ ହାର୍ ମାନିଲା ସମାଜ। ହରପ୍ରେମ ଆର୍ଦ୍ର ପାଣି କବିଙ୍କର କବିତ୍ୱ ସାର୍ଥକତା ପ୍ରାପ୍ତ ହେଲା।

ନଦୀ, ନାରୀ- କବିଙ୍କର ଅତି ଆପଣାର। ବୈଷ୍ଣବଙ୍କ କୋଠପଦା ଗାଁ, ସପନାନଈ ବିରୂପାକୂଳ। ରଜକିନୀ କନ୍ୟା ହାରାମଣି ସହ ପାଣିଙ୍କ ଏକତ୍ର ରହଣି, ପଡିନଥିଲା ବାହାବେଦୀରେ ହାତଗଣ୍ଠି, ପୁରୋହିତଙ୍କ ମନ୍ତ୍ରପାଠ ନଥିଲା; ତଥାପି ଦୁହିଁଙ୍କ ମଧ୍ୟରେ ମାଧୁର୍ଯ୍ୟମୟ ପ୍ରୀତି-ରସ-ସରସ ଜୀବନ ଥିଲା ଅତି ମଞ୍ଜୁଳ। ଆରପଟେ ବୈଷ୍ଣବଙ୍କର ଥିଲା ଆରଗୋଟେ ସଂସାର। ୧୯୦୧ ମସିହା । ଜଳୌକା ନିକଟ ଦେବିଲ୍ଵ ଗ୍ରାମର ଜୟରାମ ପଣ୍ଡାଙ୍କ କନ୍ୟା ସୁଶ୍ରୀ ନୀଳଦେବୀଙ୍କ ସହ ତାଙ୍କର ବୈଦିକମତେ ବିବାହ ସମ୍ପନ୍ନ ହୋଇଥିଲା। ପତ୍ନୀ ନୀଳ ଦେବୀ ପାଣିଙ୍କ ମନ କିଣି ପାରିନଥିଲେ। ଅପରପକ୍ଷେ ହାରାମଣି ସୌନ୍ଦର୍ଯ୍ୟବର୍ତ୍ତୀ ନଥିଲା; ଗୁଣବତୀ। ଶ୍ୟାମଳିନୀ ହାରାଥିଲା ସ୍ୱାସ୍ଥ୍ୟବତୀ, ସଂଗୀତ ନିପୁଣା। ପାଣିଙ୍କର ଏକାଧିକ ସୁନ୍ଦରୀଙ୍କ ସହ ଦୈହିକ ସଂପର୍କ ଥିଲା; କିନ୍ତୁ ସେ ବଶ୍ୟତା ସ୍ୱୀକାର କଲେ ହର ନିକଟରେ। ପ୍ରୀତି ଯୋଡିଦେଲା ଦୁଇମନ ପ୍ରାଣ ଆତ୍ମାକୁ। ଗୋଟେ ଆବେଗ ପୂର୍ଣ୍ଣ ମୁହୂର୍ତ୍ତରେ ଉଭୟ ସର୍ତ୍ତ ରଖିଲେ, " ଏ ସଂସାରରେ ଯାହାର ପ୍ରଥମ କାଳ ହେବ, ଅନ୍ୟ ଜଣକ ତାହା ପାଇଁ ସେହିଠାରେ ନଦୀତଟରେ ସମାଧି ଗଢିବ। ଶେଷ ଜଣଙ୍କର ମୃତ୍ୟୁ ସହ ସେଇ ସପନା ନଈ ବୀରୂପା କୂଳରେ ବାସଗୃହଟି ତାହା ପାଇଁ ହେବ ସମାଧି ମନ୍ଦିର।" ଏ ପ୍ରକାର ନିଷ୍ପତ୍ତି ଥିଲା ଶାଶ୍ୱତ ପ୍ରେମର ଅନୁପମ ନିଦର୍ଶନ। ହାରାମଣି ଜଙ୍ଘାବାତରେ ପ୍ରଥମେ ବାଟକାଟିଲେ (୧୯୪୭)। ଭାଙ୍ଗି ପଡିଲେ ପାଣି। ତାଙ୍କ ରୋଗଯନ୍ତ୍ରଣା ଜୀବନର ଏକମାତ୍ର ସାହାଭରଷା ଥିଲେ ହାରାମଣି, ତାଙ୍କ ଅବର୍ତ୍ତମାନର ବୈଷ୍ଣବ ପାଣି ଲେଖିଛନ୍ତି " ସେହି ନାରୀ ସାବିତ୍ରୀଙ୍କ ପରି ଶତସଂହ ପରାକ୍ରମରେ ଯମସହ ଯୁଦ୍ଧ କରି ଯମ ମୁଖରୁ ମତେ ଫେରାଇ ଆଣି ପାରିଥିଲା। ନିୟତିର ଗତି ସର୍ବତ୍ର ସର୍ବଦା ଅବାରିତ। ମୁଁ ଈଶ୍ୱରଙ୍କ ନିକଟରେ ନିବେଦନ କରେ, ତାଙ୍କର ଆତ୍ମା ସଦ୍‌ଗତି ଲାଭ କରୁ। ତାଙ୍କୁ ସମାଧିସ୍ଥ କଲାପରେ ମୋର ମସ୍ତିଷ୍କ ଏପରି ବିକୃତି ଘଟିଲା, ଲୋକେ ପାଗଳ ବ୍ୟତୀତ ଅନ୍ୟ କିଛି ଭାବି ନଥିଲେ"। ପରନାରୀ ପ୍ରେମୀ ଜଣେ ପୁରୁଷ ଅନ୍ୟ ଜାତିର ଜଣେ ବିବାହିତା ଯୁବତୀଙ୍କୁ ପ୍ରେମିକାରୁ ପତ୍ନୀର ଆସନ ଦେବା, ଅନ୍ତର ସହ ଭଲ ପାଇବା ଏକ ଅନ୍ୟତମ ବିରଳ ଦୃଷ୍ଟାନ୍ତ। ହାରାମଣି ମୃତ୍ୟୁ ଜନିତ ଦୁଃଖ ବୈଷ୍ଣବଙ୍କୁ ମାନସିକ, ଶାରୀରିକ ଭାବେ ଦୁର୍ବଳ କରିଦେଲା। ତା' ବିହୁନେ ଜୀବନଟିକୁ ଅସାର ମଣିଲେ।

ଯୁବକ ବେଳର କଥା। ବୈଷ୍ଣବ ତତ୍‌କାଳୀନ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କ ଷ୍ଟେଟର ମହାଜନୀ ଆଦାୟ ସମସ୍ତ କାଗଜ ପତ୍ରର ଦାୟିତ୍ୱରେ । ମଠ ନିକଟସ୍ଥ ଏକ ରଜକୀ କନ୍ୟାର ରୂପଗୁଣରେ ମୁଗ୍ଧ ହୋଇ ସେ ତା' ଘରର ସମସ୍ତ ଭଲ ମନ୍ଦ ବୁଝିଲେ। କନ୍ୟାଟି ଅପ୍ରାପ୍ତ ବୟସ୍କା ବୈଷ୍ଣବଙ୍କର ଯିବା ଆସିବା ଦ୍ୱାରା ତା' ବିଧବା ମାତା ତାଙ୍କୁ ଶ୍ରଦ୍ଧା କରିବାକୁ ଲାଗିଲେ। ହର ଘର ଯୋଗ୍ୟା ହେବାରୁ ତାର ବିବାହ ପ୍ରସ୍ତାବ ଚାରିଆଡେ ପଡିଲା । କଳେ ବଳେ କଉଶଳେ ହର ବିଭାଘର ଭାଙ୍ଗିଲେ ବୈଷ୍ଣବ। ସେତେ ବେଳକୁ ପାଣିଏ ସମାଜର ପୂଜ୍ୟ, ସମ୍ମାନିତ; ଓଡିଶାର ଜଣେ ସୁପରିଚିତ ତରୁଣ କବି। ସେ ଦିନେ ମଧୁପୁର ଗଡକୁ ନିମନ୍ତ୍ରିତ ହୋଇ ଗଲେ। ତାଙ୍କ ଅନୁପସ୍ଥିତିରେ ହରର ବିବାହ ହୋଇଗଲା ଔରଙ୍ଗାବାଦ ସାଲେପୁରର ଜନୈକ ରଜକ ସହ। ପାଣି ହେଲେ ଧୈର୍ଯ୍ୟହରା। ବିରାଡି କପାଳକୁ ଶିକା ଛିଡିଲା। ଔରଙ୍ଗାବାଦ ସାଲେପୁର ନିବାସୀମାନେ ବୈଷ୍ଣବୀଙ୍କୁ ଓସ୍ତାଦ୍ ସ୍ୱରୂପ ନେଲେ। ସେଠାରେ ଦୁଇ ତିନି ଦିନ ରହଣି। ସ୍ନାନ ଘାଟରେ ତାଙ୍କର ଦେଖାହେଲା ହର ସହ। ସେ ବେଳର ଅନୁଭୂତି ଟି ଥିଲା ଅତୀବ କରୁଣାର୍ଦ୍ର। ତାହାକୁ ବର୍ଣ୍ଣନା କରିଛନ୍ତି ବୈଷ୍ଣବ, " ମୋତେ ଦେଖିଲା କ୍ଷଣି ସେ ଛଳଛଳ ହୋଇ କାନ୍ଦି ପକାଇଲା। ମୋର ମଧ ଜଳଜଳ ହୋଇ ଜଳ ନିର୍ଗତ ହେଲା ସତ୍ୟ; କିନ୍ତୁ କ୍ରୋଧ ସମ୍ଭାଳି ନ ପାରି ସଂକେତ ଦେଲି 'ମହନ୍ତଙ୍କ ପିଆଦା କାଶୀ ସିଂହ' ସଙ୍ଗେ ଗୋପନରେ ଏ ସ୍ଥାନ ଛାଡି ଗ୍ରାମକୁ ଚାଲିଯାଅ।" ହର ତାହା ହିଁ କଲା। ବୈଷ୍ଣବଙ୍କ ଇଙ୍ଗିତରେ ତା ଶାଶୁଘର ସଂପର୍କରେ ନାନା ପ୍ରକାର ନିର୍ଯ୍ୟାତନା ପୂର୍ଣ୍ଣ ମନଗଢା କଥା ମାନ କହିଲା। ମା' ଙ୍କ ମନ ତରଳିଗଲା। ହର ଆଉ ଶାଶୁଘର ଯିବାକୁ ମଙ୍ଗିଲାନି। ବାଧ ହୋଇ ତା' ସ୍ୱାମୀ ଆସି ରହିଲା ଶ୍ୱଶୁରଘର ଗାଁରେ । ଉଭୟଙ୍କର ମନ ମିଳିଲାନି। ହର ବର ଖଜୁର ଗଛର କ୍ଷୀର ଚୋରିକରି ପାନ କଲା ସମୟରେ ଅହିଦ୍ୱାରା ଦଂଶିତ ହୋଇ ଅକାଳ ମୃତ୍ୟୁ ବରଣ କଲା। ଏଣିକି ଗୁପ୍ତ ଭାବେ ଚାଲିଲା ହର ବୈଷ୍ଣବଙ୍କ ପ୍ରେମଲୀଳା। କଥା ପ୍ରଘଟ ହେଲା। ପାଣିଙ୍କ ଘରଲୋକେ ତନ୍ତ୍ର ଔଷଧ କଲେ, ନାନା ଦି ବାଧା ବିଘ୍ନ ସୃଷ୍ଟି ହେଲା। ମାରିବା ପାଇଁ ସ୍ତ୍ରୀ ବାଟରେ ଘାଟରେ ଲୋକ ଜଗାଇଲା। ସାମୟିକ ଭାବେ ବୈଷ୍ଣବଙ୍କ ଶରୀରରେ ଉତ୍ତମ ମଧ୍ୟମ ଦୃଷ୍ଟି ହେଲା। ତଥାପି ସେ ଅଚଳ, ଅଟଳ, ମହାମେରୁ ସମ। ଶେଷରେ ଘର ମୋହ ଛାଡିଲେ, ଏକ ବସ୍ତ୍ରରେ ଗୃହତ୍ୟାଗ କଲେ। ଏବେ ଆଶ୍ରୟ ବିରୂପା ନଈକୂଳ ଆଶ୍ରମ। ଉଭୟେ ଏଠାରେ ବିତାଇଲେ ଅନେକ ବର୍ଷ। ତାହା ଥିଲା ହର ବୈଷ୍ଣବଙ୍କ ବିଳାସ ଭବନ, ପ୍ରେମ ନିକେତନ। ହର ପାଇଁ ପାଣି ହେଲେ ସମାଜତ୍ୟାଗୀ, ଗୃହ ଛାଡି ସ୍ତ୍ରୀ ପୁତ୍ର ତ୍ୟାଗୀ। ଅନ୍ତତଃ ୧୫ ହଜାର ଟଙ୍କାର ବିଭବ ତ୍ୟାଗୀ। ତା'ରି ପାଇଁ ସମାଜ ମସ୍ତକରେ ଶତ ପଦାଘାତ କରି ବିରୂପା ତଟରେ ଆଶ୍ରମ କରି ରହିଲେ। ସମାଜ ଆଖିରେ ହେଲେ ଘୃଣ୍ୟ। ନିନ୍ଦା ଅପବାଦକୁ ବେଖାତିର୍ କରି ହରକୁ ପାଣି କରି ନେଲେ ଜୀବନସାଥୀ, ଆଶାର ତରୀ। ଏବେ ହର ଗୁଣାବଳି ବଖାଣିଛନ୍ତି ପାଣିକବି।

ହର ଥିଲା କାମକୁତୁକିନୀ। ବୈଷ୍ଣବଙ୍କ ଜୀବନକୁ ରଙ୍ଗିନ କରିଦେଲା। ସ୍ୱକୀୟା ପ୍ରୀତି ବିମୁଖ ହେଲେ ପାଣି ନନା। ଗାଇଲେ ହର କବିତା। ଲେଖିଲେ, "ସ୍ୱାମୀ ନ ଖାଇଲା ପର୍ଯ୍ୟନ୍ତ ସ୍ତ୍ରୀ ଅନଶନ ବ୍ରତ ପାଳନ କରେ। ଏକଥା ମୋ ଭାଗ୍ୟରେ ଅଛି। ସେ ଯେତେବେଳେ ଯାହା ଚାହୁଁଥିଲା କୋୟରପରି ମୁଁ ଯୋଗାଇଥିଲି। ହାର୍‌ମୋନିୟମ୍‌ରେ ଗୀତ ଗାଇବା ଚାତୁରୀ, ନିର୍ଭୀକତା, ଲୋକ ବଶକରା, ସୁଗୁଣବତୀ ସ୍ୱାମୀ ମନ ଯୋଗାଇଥିବା, ପତି ଉପାସନା ବ୍ରତରେ ବ୍ରତୀ। ଏପରି କିଏ କେଉଁଠାରେ ଅଳ୍ପ ଥାଇପାରନ୍ତି। ସେ ସର୍ବଗୁଣଯୁକ୍ତା ନାରୀ, ତା'ର ବାସ, ପରିଧାନ, କେଶ ବିନ୍ୟାସ, ସଙ୍ଗୀତାଳାପୀ, ପଶୁପୋଷଣ ବଶକାରିଣୀ, ଦୀନହୀନ ପ୍ରତି ଦୟା ଅତୀବ ଚମତ୍କାର।" ହରର ପରିଷ୍କାର ପରିଚ୍ଛନ୍ନତା କୌଣସି ଉଚ୍ଚଜାତି ଅବା ଧନୀଘରେ ବିରଳ। ବିନା ଡୋରରେ ଶୃଙ୍ଖଳାବଦ୍ଧ କେଶରୀ ପରି ତାଙ୍କୁ ବାନ୍ଧି ପକାଇଥିଲା ବୋଲି ବୈଷ୍ଣବ ସ୍ୱୀକାର କରିଛନ୍ତି। ଏ କଥା କହିଲାବେଳେ ସେ ପାଠକଙ୍କ ବିଶ୍ୱାସଭାଜନ ହେବା ପାଇଁ ଲେଖିଛନ୍ତି, " ପାଠକ ପାଠିକାଗଣ ! ଆପଣମାନେ ଭାବିପାରନ୍ତି ଛାର ରଜକିନୀର ସ୍ଥାନ ଏତେ ଉଚ୍ଚ, ନା କବିର ଲେଖା ବାହୁଲ୍ୟମାତ୍ର। କିନ୍ତୁ ମୋର ପୂର୍ଣ୍ଣ ବିଶ୍ୱାସ ସୁରପୁର ଶାପ ପ୍ରପୀଡିତା ଗାନ୍ଧର୍ବୀ ଯେ, ତାର ଥରେ ମାତ୍ର ସନ୍ଦର୍ଶନ ଲାଭ କରିଛି କିମ୍ବା ତା'ର ବିଣା ଜୀଣା ସ୍ୱର ଶ୍ରୁତି ଗୋଚର କରିପାରିଛି, କେବଳ ସେହିମାନେ କହିପାରିବେ ସେ କେଉଁ ଉପାଦାନରେ ଗଠିତ"। ଗୁଣବତୀ ହର ହିଁ ପାଣିର ପାଣିଗ୍ରହିତା ଯୋଗ୍ୟା। ବୈଷ୍ଣବଙ୍କ ବିଚ୍ଛେଦରେ ସେ ପାଲଟି ଯାଉଥିଲା ଶୁଷ୍କ ପ୍ରତିମା, କୃଶାଙ୍ଗିତୁଲ୍ୟ। ତାରି ପାଇଁ ବୈଷ୍ଣବ ବ୍ରାହ୍ମଣୀ - ଦାର ପରିତ୍ୟାଗୀ। ହର ସୁଗୃହିଣୀ। ତା' ମିଷ୍ଟ ବଚନରେ କମଠ ପୃଷ୍ଠ ପରି ପୁରୁଷ ହୃଦୟ ଦ୍ରବୀଭୂତ ହୋଇଯାଏ। ଧୈର୍ଯ୍ୟ, ଦମ୍ଭ ନିମିଷ ମାତ୍ରେ ଭାଙ୍ଗିଯାଏ- ଏ କଥା ଅତିରଞ୍ଜିତ ନୁହେଁ।

ହିନ୍ଦୁ ସମାଜ ସ୍ୱକୀୟା ପ୍ରୀତିର ଉଦ୍‌ଘୋଷକ; ମାତ୍ର ବୈଷ୍ଣବ କବିଗଣ ରାଗାନୁଗା ମାର୍ଗୀ ହୋଇ ପରକୀୟା ପ୍ରେମର ବିଜୟ ଧ୍ୱଜା ଉଡାଇ ଦେଲେ। ରାଧାକୃଷ୍ଣ ଯୁଗଳ ଲୀଳାକୁ ଆଳ କରି କେହି କେହି ସେହି ମାର୍ଗୀ ହେଲେ। ପରକୀୟା ପ୍ରୀତି ପ୍ରବଣତା କ୍ରମେ କାୟା ବିସ୍ତାର କଲା। ଇଂରେଜ ଶାସନ କାଳରେ ତାହା ଉଗ୍ରରୂପ ନେଲା। ତଥାପି ପରକୀୟା ପ୍ରୀତି ଖୁବ୍ ମାଧୁର୍ଯ୍ୟମୟ। ଏହି କଥାକୁ ବୈଷ୍ଣବ ପାଣି ଲେଖିଲେ, " ପ୍ରୀତି ଦୁଇ ପ୍ରକାର - ସ୍ୱକୀୟା, ଅନ୍ୟଟି ପରକୀୟା। ସ୍ୱକୀୟା ପ୍ରୀତି ଅପେକ୍ଷା ପରକୀୟା ପ୍ରିତି ଉତ୍କୃଷ୍ଟ। ଥରେ ରାଧାକୃଷ୍ଣଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରନ୍ତୁ, ଶ୍ରୀକୃଷ୍ଣଙ୍କର ରାଧା କାହିଁକି ଆହ୍ଲାଦିନୀ ଶକ୍ତି ହୋଇଛନ୍ତି, ତାହା କେବଳ ପରକୀୟା ପ୍ରିତି ବଳରେ। ଅଷ୍ଟପାଟ ବଂଶୀଙ୍କ ଠାରେ ରାଧା ପ୍ରେମ କୃଷ୍ଣଙ୍କର ଦେଖିଛ କି"।

ପାଣି କବିଙ୍କର ଦୁଇଟି ପତ୍ନୀ- ଜଣେ ସ୍ୱରାଜ୍ୟର, ଆର ଜଣକ ସୁଦୂର କଲିକତାର। ଦୁହେଁ ନିଷ୍ଠୁରା, କ୍ରୂରା। ଅନ୍ୟପକ୍ଷରେ ବୈଷ୍ଣବଙ୍କ ବାରନାରୀ ପ୍ରେମ ତାଙ୍କ ଦାମ୍ପତ୍ୟ ଜୀବନକୁ କର୍ଦ୍ଦମାକ୍ତ କରିଥିଲା। ପ୍ରବୃତ୍ତିର ତାଡନାରେ ସେ ପରନାରୀଙ୍କ ସହ ସମୟ କାଟିଛନ୍ତି । ସେମାନଙ୍କ ମଧ୍ୟରେ ଶ୍ରେଷ୍ଠା ରଜକିନୀ ହାରାମଣି। ଭକ୍ତ କବି ଚଣ୍ଡୀଦାସ. ବୈଷ୍ଣବ କବି ବିଦ୍ୟାପତି, ରସକଲ୍ଲୋଳ ରଚୟିତା ଦୀନକୃଷ୍ଣ ଦାସଙ୍କ ସାହିତ୍ୟ ସର୍ଜନାର ସଫଳତା ପଛରେ ସାଧାରଣ ନାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନୁରୂପ ଭାବେ ନିନ୍ଦା ଅପବାଦର ପୁଟୁଳି ବହି ବହି ବୈଷ୍ଣବ ଦାମ୍ପତ୍ୟ ଜୀବନକୁ ସରସ ସୁନ୍ଦର କରିଛନ୍ତି ହରକୁ ନେଇ । ସେମାନଙ୍କ ସ୍ୱର୍ଗୀୟ ପ୍ରେମର ସାକ୍ଷୀ ସେଇ ବିରୂପା ନଈ। ସତରେ, " ତୁ ତ ଅଇଲୁ ମୁଁ ତ ଅଇଲି/ ଏଇ ସପନା ନଈ କୂଳକୁ...।" କେହି ବୁଝୁ ବା ନ ବୁଝୁ, ଗ୍ରହଣ କରୁ ବା ନ କରୁ, ବିରୂପା ତଟ ଆଶ୍ରମ ଯେ, ପାଣି କବିଙ୍କର ଭୂସ୍ୱର୍ଗ- ଏହା ଅନସ୍ୱୀକାର୍ଯ୍ୟ। ୫ ମଇ, ୧୯୫୬। କଟକ ବଡ଼ ଡାକ୍ତରଖାନାରେ ପାଣିକବିଙ୍କ ଦେହାନ୍ତ ହେଲା। ଲିଭିଗଲା ଓଡ଼ିଆ ସାହିତ୍ୟାକାଶର ଧ୍ରୁବତାରା। ବାସ୍ତବିକ ତାଙ୍କ ଆତ୍ମଲିପି 'ପାଣିକବିଙ୍କ ଆତ୍ମକାହାଣୀ' ଏକ କାଳଜୟୀ ସୃଷ୍ଟି, ସ୍ୱୟଂ ଗଣକବି ମଧ୍ୟ ଅନନ୍ୟ।

# ବ୍ରହ୍ମବାଦିନୀ ଗାର୍ଗୀ



ପ୍ରତିଭା ପ୍ରିୟଦର୍ଶିନୀ
ଶକ୍ତି ନଗର, ଲିଙ୍କ ରୋଡ଼,
କଟକ
ମୋ : ୯୯୩୭୯୬୬୭୨୯

ମହିୟସୀ ଭାରତୀୟ ମହିଳାଙ୍କ ନାମ ପଚାରିଲେ, ଆମ ମୁହଁରେ ସ୍ୱତଃ ଚାଲିଆସୁଥିବା ନାମ ଗୁଡ଼ିକ ଭିତରେ ପ୍ରଥମ ବା ଦ୍ୱିତୀୟ ନାମଟି ହୋଇଥାଏ "ଗାର୍ଗୀ"। ଚାଲନ୍ତୁ ତାଙ୍କୁ ଆଉଟିକେ ଭଲରେ ଜାଣିବା। ଗାର୍ଗୀଙ୍କ ଲିଖିତ ସୂତ୍ରମାନ ବେଦରେ ସ୍ଥାନ ପାଇଛନ୍ତି। ମହିଳା ହୋଇଥିଲେ ମଧ୍ୟ ତାଙ୍କ ନାମ ଆଗରେ ଋଷି ଲେଖାଯାଏ। ସେ ବ୍ରହ୍ମବିଦ୍ୟାର ଜ୍ଞାତା ଥିଲେ ବୋଲି ତାଙ୍କୁ ବ୍ରହ୍ମବାଦିନୀ କୁହାଯାଏ। ବାଲ୍ୟାବସ୍ଥାରୁ ହିଁ ଗାର୍ଗୀଙ୍କ ରୁଚି ବେଦ ଆଦିରେ ରହିଥିଲା। ତେଣୁ ଖୁବ ଶୀଘ୍ର ସେ ଏସବୁର ବିଦ୍ୱାନ ହୋଇପାରିଲେ, ଏବଂ ଖୁବ କମ ହିଁ ଲୋକ ଥିଲେ ଯିଏ ତାଙ୍କ ସମାନ ଠିଆ ହେବା ପାଇଁ ଯୋଗ୍ୟ ହେଉଥିଲେ। ତାଙ୍କ ରଚିତ ଅନେକ ସୂତ୍ର ବେଦରେ ସାମିଲ କରାଗଲା। ଏସବୁ ଅଜଣା ରହିଯାଇଥାନ୍ତା ଯଦି ବିଦେହ ରାଜା ଜନକ ତାଙ୍କ ରାଜସଭାରେ ବିଶ୍ୱର ସର୍ବୋଚ୍ଚ ବିଦ୍ୱାନ ବ୍ୟକ୍ତି ଖୋଜିବା ଲାଗି ଶାସ୍ତ୍ରାର୍ଥ ଆୟୋଜିତ ନକରିଥାନ୍ତେ। ଏହି ସମ୍ବାଦ ବେଶ ଲମ୍ବା ସମୟ ଧରି ଚାଲିଲା, କିନ୍ତୁ କୌଣସି ନିର୍ଣ୍ଣୟ ହୋଇପାରିଲା ନାହିଁ। ସେତେବେଳେ କେହି ଜଣେ ମହର୍ଷି ଯାଜ୍ଞବଳ୍କ୍ୟଙ୍କୁ ଏହାର ସୂଚନା ଦେଲେ। ସେ ନିଜ ଶିଷ୍ୟ ମାନଙ୍କ ସହ ଶାସ୍ତ୍ରାର୍ଥ ସ୍ଥଳରେ ପହଞ୍ଚିଲେ ଓ ପୁରସ୍କାର ପାଇଁ ରଖା ଯାଇଥିବା ଗାଈ, ସ୍ୱର୍ଣ୍ଣ ଓ ଅନ୍ୟ ସମ୍ପଦ ନେଇଯିବା ଲାଗି ନିଜ ଶିଷ୍ୟ ମାନଙ୍କୁ କହିଲେ।

ସେଠାରେ ଉପସ୍ଥିତ ଅନ୍ୟ ବିଦ୍ୱାନ ମାନେ ଏହାର ବିରୋଧ କରିଲେ ଓ ଶାସ୍ତ୍ରାର୍ଥ ଆରମ୍ଭ ହୋଇଗଲା। ଜଣ ଜଣ କରି ସମସ୍ତ ବିଦ୍ୱାନ ପରାଜିତ ହୋଇଯିବା ପରେ ଗାର୍ଗୀ ଆସିଲେ।

ଗର୍ଗ ବଂଶରେ ଜନ୍ମିତ ମହର୍ଷି ବଚକ୍ନୁ ଙ୍କ ପୁତ୍ରୀ 'ବାଚକନ୍ୱୀ ଗାର୍ଗୀ' ପଚାରିଲେ - "ହେ ଋଷିବର ! ଆପଣ କଣ ନିଜକୁ ସବୁଠାରୁ ବଡ଼ ଜ୍ଞାନୀ ମନେକରନ୍ତି, ଯେ ଗାଈ ମାନକୁ ଅଡେଇବା ଲାଗି ନିଜ ଶିଷ୍ୟ ମାନଙ୍କୁ ଆଦେଶ ଦେଇଦେଲେ ?"

ଯାଜ୍ଞବଳ୍କ କହିଲେ ଯେ, ଦେବୀ ! ମୁଁ ସ୍ୱୟଂ କୁ ଜ୍ଞାନୀ ମାନୁ ନାହିଁ, କିନ୍ତୁ ଏଇ ଗାଈ ମାନଙ୍କୁ ଦେଖି ମୋ ମନରେ ମୋହ ଉତ୍ପନ୍ନ ହୋଇଛି। ଗାର୍ଗୀ କହିଲେ, ଆପଣଙ୍କୁ ମୋହ ହେଲା, ମାତ୍ର ତାହା ଏଭଳି କରିବା ଲାଗି ଉଚିତ କାରଣ ନୁହେଁ। ଯଦି ସମସ୍ତ ସଭାସଦଙ୍କ ଆଜ୍ଞା ମିଳିବ, ତେବେ ମୁଁ ଆପଣଙ୍କୁ କିଛି ପ୍ରଶ୍ନ ପଚାରିବାକୁ ଚାହିଁବି। ଆଉ ଯଦି ଆପଣ ସେଗୁଡିକର ସନ୍ତୋଷଜନକ ଉତ୍ତର ଦେଇଦେବେ, ତେବେ ଆପଣ ଏହି ଗାଈ ମାନଙ୍କୁ ନେଇଯିବେ।

ସମସ୍ତେ ଗାର୍ଗୀଙ୍କୁ ସମ୍ମତି ପ୍ରଦାନ କଲେ। ଗାର୍ଗୀଙ୍କ ପ୍ରଶ୍ନ ଥିଲା, "ହେ ଋଷିବର ! ଜଳ ବାବଦରେ କୁହାଯାଏ ଯେ ସବୁ ପଦାର୍ଥ ଏଥିରେ ମିଶିଯାଏ, ତେବେ ଏହି ଜଳ ଅନ୍ତତଃ କୋଉଥିରେ ମିଶିଯାଏ ?" ଗାର୍ଗୀଙ୍କର ଏହି ପ୍ରଥମ ପ୍ରଶ୍ନ ଖୁବ ସରଳ ଥିଲା, କିନ୍ତୁ ଯାଜ୍ଞବଳ୍କ ପ୍ରଶ୍ନରେ ଛନ୍ଦି ହୋଇ କ୍ରୋଧିତ ହୋଇଗଲେ। ପରେ ସେ ଆରାମରେ ଚିନ୍ତା କରି ସଠିକ ଭାବରେ ଉତ୍ତର ଦେଲେ ଯେ, ଜଳ ଅନ୍ତତଃ ତେଜ (ଅଗ୍ନି) ରେ ଓତଃପ୍ରୋତ ହୋଇଯାଏ ଏବଂ ତେଜ ବାୟୁରେ।

ଗାର୍ଗୀ ପୁଣି ପଚାରିଲେ ଯେ ବାୟୁ କେଉଁଥିରେ ଯାଇ ମିଶିଯାଏ, ଆଉ ଯାଜ୍ଞବଳ୍କଙ୍କ ଉତ୍ତର ଥିଲା ଅନ୍ତରୀକ୍ଷ ଲୋକରେ।

ପରନ୍ତୁ ଗାର୍ଗୀ ଯାଜ୍ଞବଳ୍କଙ୍କ ପ୍ରତ୍ୟେକ ଉତ୍ତରକୁ ପ୍ରଶ୍ନରେ ରୂପାନ୍ତରିତ କରି ଚାଲିଲେ ଏବଂ ଏହିଭଳି ଭାବରେ ଗନ୍ଧର୍ବ ଲୋକ, ଆଦିତ୍ୟ ଲୋକ, ଚନ୍ଦ୍ରଲୋକ, ନକ୍ଷତ୍ର ଲୋକ, ଦେବଲୋକ, ଇନ୍ଦ୍ରଲୋକ, ପ୍ରଜାପତି ଲୋକ ଓ ବ୍ରହ୍ମଲୋକ ଯାଏଁ ପହଞ୍ଚି ଗଲେ ଆଉ ଶେଷରେ ଗାର୍ଗୀ ପୁଣି ସେଇ ପ୍ରଶ୍ନ ପଚାରିଲେ ଯେ ଏଇ ବ୍ରହ୍ମଲୋକ ଯାଇ କେଉଁଥିରେ ମିଶିଯାଏ ?

ଯାଜ୍ଞବଳ୍କ କହିଲେ, "ଗାର୍ଗୀ, ମାତି ପ୍ରାକ୍ଷୀର୍ମା ତେ ମୂର୍ଧା ବ୍ୟାପପ୍ତୁ।" ଅର୍ଥାତ ଗାର୍ଗୀ, ଏତେ ପ୍ରଶ୍ନ କର ନାହିଁ, ଏମିତି ନହେଉ ଯେ ଏଥିପାଇଁ ତୁମ ମସ୍ତିଷ୍କ ଫାଟିଯାଉ। ସେ ହିଁ ଭଲ ବକ୍ତା ହୋଇଥାଏ ଯାହାକୁ ଜଣାଥାଏ କେତେବେଳେ କହିବା ଉଚିତ ଓ କେତେବେଳେ ଚୁପ ରହିବା ଉଚିତ ଏବଂ ଗାର୍ଗୀ ଭଲ ବକ୍ତା ଥିଲେ, ସେଥିପାଇଁ ସେ ଚୁପଚାପ କ୍ରୋଧିତ ଯାଜ୍ଞବଳ୍କଙ୍କ କଥା ଶୁଣି ଚାଲିଥିଲେ।

ଦ୍ୱିତୀୟ ପ୍ରଶ୍ନରେ ଗାର୍ଗୀ ପଚାରିଲେ, "ଶୁଣନ୍ତୁ ଋଷିବର, ଯେପରି କାଶୀ ବା ଅଯୋଧ୍ୟା ର ରାଜା ନିଜର ଦୁଇଟି ଅଭେଦ୍ୟ ବାଣ ଏକାସାଙ୍ଗରେ ଧନୁରେ ଚଢାଇ ନିଜ ଶତ୍ରୁ ଉପରେ ଲକ୍ଷ୍ୟ ସାଧନ କରନ୍ତି, ସେହିଭଳି ମୁଁ ଆପଣଙ୍କୁ ଦୁଇଟି ପ୍ରଶ୍ନ ପଚାରୁଛି।"

ଯାଜ୍ଞବଳ୍କ କହିଲେ - ହେ ଗାର୍ଗୀ, ପଚାର।

ଗାର୍ଗୀ ପଚାରିଲେ, "ସ୍ୱର୍ଗଲୋକ ଉପରେ ଯାହା କିଛି ଅଛି, ପୃଥିବୀ ରୁ ତଳକୁ ଯାହା କିଛି ଅଛି ଆଉ ଏଇ ଦୁହିଁଙ୍କ ମଝିରେ ଯାହା କିଛି ଅଛି, ଆଉ ଯାହା ହୋଇସାରିଛି ଏବଂ ଯାହା ଏବେ ହେବା ବାକି ଅଛି, ଏ ଦୁହେଁ କେଉଁଥିରେ ଓତଃପ୍ରୋତ ?"

ଅର୍ଥାତ ସାରା ବ୍ରହ୍ମାଣ୍ଡ କାହାର ଅଧିନ ?

ଯାଜ୍ଞବଳ୍କ କହିଲେ - "ଏତସ୍ୟ ବା ଅକ୍ଷରସ୍ୟ ପ୍ରଶାସନେ ଗାର୍ଗୀ।"

ଅର୍ଥାତ କୌଣସି ଅକ୍ଷର, ଅବିନାଶୀ ତତ୍ତ୍ୱ ରହିଛି ଯାହାର ପ୍ରଶାସନରେ, ଅନୁଶାସନରେ ସବୁକିଛି ଓତଃପ୍ରୋତ ରହିଛନ୍ତି।

ଗାର୍ଗୀ ଯେବେ ପଚାରିଲେ ଯେ ସାରା ବ୍ରହ୍ମାଣ୍ଡ କାହା ଅଧୀନରେ ରହିଛି, ସେଥିକୁ ଯାଜ୍ଞବଳ୍କଙ୍କ ଉତ୍ତର ଥିଲା - ଅକ୍ଷରତତ୍ତ୍ୱର ! ଏଥର ଯାଜ୍ଞବଳ୍କ ଅକ୍ଷରତତ୍ତ୍ୱ ବିଷୟରେ ବିସ୍ତୃତ ଭାବରେ ବୁଝାଇଲେ।

ଗାର୍ଗୀ : ଏମିତି ବିଶ୍ୱାସ ରହିଛି ଯେ, ସ୍ୱୟଂ କୁ ଜାଣିବା ପାଇଁ ଅର୍ଥାତ "ଆତ୍ମବିଦ୍ୟା" ଲାଭ କରିବା ନିମନ୍ତେ ବ୍ରହ୍ମଚର୍ଯ୍ୟ ଅନିବାର୍ଯ୍ୟ ଅଟେ, କିନ୍ତୁ ଆପଣ ତ ବ୍ରହ୍ମଚାରୀ ନୁହଁନ୍ତି। ଆପଣଙ୍କର ତ ନିଜର ଦୁଇଜଣ ପତ୍ନୀ ଅଛନ୍ତି, ଏମିତି ଲାଗୁନି କି ଯେ ଆପଣ ଏକ ଭୁଲ ଉଦାହରଣ ପ୍ରସ୍ତୁତ କରୁଛନ୍ତି ?

ଯାଜ୍ଞବଳ୍କ : ବ୍ରହ୍ମଚାରୀ କିଏ ଅଟନ୍ତି ଗାର୍ଗୀ ? (ଉତ୍ତରରେ ଯାଜ୍ଞବଳ୍କ ପଚାରିଲେ)।

ଗାର୍ଗୀ : ଯିଏ ପରମ ସତ୍ୟର ଅନୁସନ୍ଧାନ କରିବାରେ ଲୀନ ରହିଥାନ୍ତି।

ଯାଜ୍ଞବଳ୍କ : ତେବେ ଏମିତି କାହିଁକି ଲାଗୁଛି ଯେ, ଜଣେ ଗୃହସ୍ଥ ପରମ ସତ୍ୟର ଅନୁସନ୍ଧାନରେ ଲୀନ ହୋଇପାରିବ ନାହିଁ ?

ଗାର୍ଗୀ : ଯିଏ ସ୍ୱତନ୍ତ୍ର ଥା'ନ୍ତି, ସେ ହିଁ କେବଳ ସତ୍ୟର ଖୋଜ କରିପାରନ୍ତି। ବିବାହ ତ ଏକ ବନ୍ଧନ।

ଯାଜ୍ଞବଳ୍କ : ବିବାହ ବନ୍ଧନ ଅଟେ ?

ଗାର୍ଗୀ : ନିଃସନ୍ଦେହ

ଯାଜ୍ଞବଳ୍କ : କେମିତି ?

ଗାର୍ଗୀ : ବିବାହରେ ବ୍ୟକ୍ତିଙ୍କୁ ଅନ୍ୟ ମାନଙ୍କର ଧ୍ୟାନ ରଖିବାକୁ ହୁଏ। ମନ ନିରନ୍ତର କୌଣସି ନା କୌଣସି ଚିନ୍ତାରେ ବୁଡି ରହେ ଆଉ ସନ୍ତାନ ହେବା ପରେ ତା ପାଇଁ ଅଲଗା ଚିନ୍ତା କରିବାକୁ ପଡେ। ଏସବୁ ଭିତରେ ସତ୍ୟର ଖୋଜ କରିବା ପାଇଁ ମନ ମୁକ୍ତ କେଉଁଠି ହେବ ? ତେଣୁ ନିଃସନ୍ଦେହ ବିବାହ ଏକ ବନ୍ଧନ ମହର୍ଷି।

ଯାଜ୍ଞବଳ୍କ : କାହାରି ଚିନ୍ତା କରିବା ବନ୍ଧନ ଅଟେ କି ପ୍ରେମ ?

ଗାର୍ଗୀ : ପ୍ରେମ ବି ତ ଏକ ବନ୍ଧନ ମହର୍ଷି ?

ଯାଜ୍ଞବଳ୍କ : ପ୍ରେମ ସଚ୍ଚା ହୋଇଥିଲେ, ତାହା ମୁକ୍ତ କରିଦିଏ। କେବଳ ଯେତେବେଳେ ପ୍ରେମରେ ସ୍ୱାର୍ଥର ପ୍ରାବଲ୍ୟ ଥାଏ, ତାହା ବନ୍ଧନ ହୋଇଯାଏ। ସମସ୍ୟା ପ୍ରେମ ନୁହେଁ, ସ୍ୱାର୍ଥ।

ଗାର୍ଗୀ : ପ୍ରେମ ସବୁବେଳେ ସ୍ୱାର୍ଥ ହିଁ ହୋଇଥାଏ ମହର୍ଷି।

ଯାଜ୍ଞବଳ୍କ : ପ୍ରେମ ସହିତ ଯେବେ ଆଶା ଗୁଡିକ ଯୋଡିହୁଏ, ଇଚ୍ଛା ମାନ ଯୋଡି ହୋଇଯାଏ, ସେତେବେଳେ ସ୍ୱାର୍ଥ ଜନ୍ମନିଏ। ଏଭଳି ପ୍ରେମ ନିଶ୍ଚିତ ଭାବରେ ବନ୍ଧନ ପାଲଟିଯାଏ। ଯେଉଁ ପ୍ରେମରେ କୌଣସି ଅପେକ୍ଷା ନଥିବ, ଇଚ୍ଛା ଗୁଡିକ ନଥିବ,ଯେଉଁ ପ୍ରେମ କେବଳ ଦେବା ଜାଣିଥିବ, ସେହି ପ୍ରେମ ମୁକ୍ତ କରିଥାଏ।

ଗାର୍ଗୀ : ଆପଣଙ୍କ ଶବ୍ଦ ଶୁଣିବାକୁ ଖୁବ ପ୍ରଭାବଶାଳୀ ଲାଗୁଛି ମହର୍ଷି। ପରନ୍ତୁ ଆପଣ କଣ ଏଭଳି ପ୍ରେମର କୌଣସି ଉଦାହରଣ ଦେଇ ପାରିବେ ?

ଯାଜ୍ଞବଳ୍କ : ନେତ୍ର ଖୋଲି ଦେଖ, ସମସ୍ତ ଜଗତ ନିଃସ୍ୱାର୍ଥ ପ୍ରେମର ପ୍ରମାଣ ଅଟେ। ଏହି ପ୍ରକୃତି ନିଃସ୍ୱାର୍ଥର ସବୁଠାରୁ ବଡ ଉଦାହରଣ। ସୂର୍ଯ୍ୟଙ୍କ କିରଣ, ଉଷ୍ମା, ତାହାର ଆଲୋକ ଏଇ ପୃଥିବୀ ଉପରେ ପଡିଲେ ହିଁ ଜୀବନ ଉତ୍ପନ୍ନ ହୁଏ। ଏ ପୃଥିବୀ ସୂର୍ଯ୍ୟଙ୍କ ଠାରୁ କିଛି ମାଗେ ନାହିଁ। ସେ ତ କେବଳ ସୂର୍ଯ୍ୟଙ୍କ ପ୍ରେମରେ ପ୍ରସ୍ଫୁଟିତ ହେବା ଜାଣେ, ଆଉ ସୂର୍ଯ୍ୟ ବି ପୃଥିବୀ ଉପରେ ନିଜ ବର୍ଚସ୍ୱ ସ୍ଥାପିତ କରିବାର ପ୍ରୟାସ କରନ୍ତି ନାହିଁ। କିମ୍ବା ପୃଥିବୀ ଠାରୁ କିଛି ପ୍ରତ୍ୟାଶା ରଖନ୍ତି ନାହିଁ। ନିଜକୁ ଜାଳି ସମସ୍ତ ସଂସାରକୁ ଜୀବନଦାନ କରୁଛନ୍ତି। ଏହାହିଁ ନିଃସ୍ୱାର୍ଥ ପ୍ରେମ ଗାର୍ଗୀ ! ପ୍ରକୃତି ଓ ପୁରୁଷଙ୍କ ଲୀଳା ଏବଂ ଜୀବନ ତାଙ୍କ ସଚ୍ଚା ପ୍ରେମର ଫଳ ଅଟେ। ଆମେ ସମସ୍ତେ ସେହି ନିଃସ୍ୱାର୍ଥତାରୁ, ସେହି ପ୍ରେମରୁ ଜନ୍ମ ନେଇଛେ, ସତ୍ୟକୁ ଖୋଜିବାରେ ଆଉ କେମିତି ବାଧା ?

ଗାର୍ଗୀ ନିଜ ପ୍ରଶ୍ନର ଉତ୍ତରରେ ଏତେ ଅଧିକ ପ୍ରଭାବିତ ହେଲେ ଯେ, ଜନକଙ୍କ ରାଜସଭାରେ ସେ ଯାଜ୍ଞବଳ୍କଙ୍କୁ ପରମ ବ୍ରହ୍ମିଷ୍ଠ ମାନିନେଲେ। ଏହା ପରେ ଗାର୍ଗୀ ଯାଜ୍ଞବଳ୍କଙ୍କ ପ୍ରଶଂସା କରି ନିଜ ବାଣୀକୁ ବିରାମ ଦେଲେ ଏବଂ ତାଙ୍କର ଏହି ବ୍ୟବହାର ଦେଖି ସମସ୍ତେ ଏକମତ ହେଲେ ଯେ ବିଦୁଷୀ ଗାର୍ଗୀ ଅହଙ୍କାର ରହିତ। ଯାଜ୍ଞବଳ୍କଙ୍କୁ ପ୍ରଣାମ କରି ସେ ସଭାରୁ ବିଦାୟ ନେଲେ। ତାଙ୍କର ଉଦ୍ଦେଶ୍ୟ ମହର୍ଷି ଯାଜ୍ଞବଳ୍କଙ୍କୁ ପରାଜିତ କରିବା ନଥିଲା। ଯେହେତୁ ଗାର୍ଗୀ ସ୍ୱୟଂ ବେଦଜ୍ଞ ଓ ବ୍ରହ୍ମଜ୍ଞାନୀ ଥିଲେ, ସେ ସବୁ ପ୍ରଶ୍ନର ଉତ୍ତର ଜାଣିଥିଲେ। ତେବେ ଏଠାରେ ଏହି ପ୍ରସଙ୍ଗ କହିବାର ତାତ୍ପର୍ଯ୍ୟ ଥିଲା, ଅର୍ଜୁନଙ୍କ ପ୍ରଶ୍ନ ମାଧ୍ୟମରେ ଭଗବତ ଗୀତା ଜ୍ଞାନ ମିଳିବା ଭଳି, ଗାର୍ଗୀ-ଯାଜ୍ଞବଳ୍କ ସମ୍ବାଦ କାରଣରୁ ବୃହଦଆରଣ୍ୟକ ଉପନିଷଦର ରଚା ଗୁଡିକର ନିର୍ମାଣ ହୋଇଥିଲା। ଏହିଭଳି ବିଦୁଷୀ ମହିଳା ମାନଙ୍କ ବିଷୟରେ ଲେଖିବା ଓ ପରବର୍ତ୍ତୀ ପିଢ଼ିକୁ ଜଣାଇବା ଦ୍ୱାରା ଆମ ଝିଅ ମାନେ ଗାର୍ଗୀ, ମୈତ୍ରେୟୀ, ଲୀଳାବତୀ ଓ ଅନୁସୂୟାଙ୍କ ସ୍ତର ଯାଏଁ ଯିବାକୁ ପ୍ରେରିତ ହେବେ।

**"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ
ତତ୍ର ଦେବତାଃ।
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ
ସ୍ୱାସ୍ତତ୍ରାଫଳାଃ କ୍ରିୟାଃ॥**

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesewar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଫେବୃୟାରୀ ୨୦୨୪ ସୋମବାର



# ନାମକୁ ମାତ୍ର ରହିଛି ପାନୀୟ ଜଳ ପ୍ରକଳ୍ପ:ଦୂଷିତ ପାଣି ପିଉଛନ୍ତି ଗାଁ ଲୋକେ

**ମାହାଙ୍ଗା, ନ୍ୟୁଜ୍**

ସବୁବେଳେ ବିକାଶର କଥା କହୁଥିବା ସରକାର ଲୋକଙ୍କ ମୌଳିକ ସମସ୍ୟା ପ୍ରତି କେତେ ଉଦାସୀନ ସେକଥା ନକହିବା ଭଲ । ବିଜୁଳି ପାଣି ସଡ଼କ ଭଳି ସର୍ବନିମ୍ନ ସୁବିଧା ସୁଯୋଗ ନଥିବାବେଳେ, ସରକାର ଯୋଜନା ପରେ ଯୋଜନା ଘୋଷଣା କରି ନିର୍ବାଚନୀ ବୈତରଣୀ ପାରହେବା ପରିତାପର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଗତ ରବିବାର ଦିନ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କୁହୁଣ୍ଡା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ପଞ୍ଚାୟତ ଓ ଗାଁର ବିକାଶ କଥା ସ୍ଥାନୀୟ ବିଧାୟକ ଓ ଅନ୍ୟାନ୍ୟ ନେତୃବୃନ୍ଦ କହୁଥିବା ବେଳେ ପିଇବା ପାଣି ସମସ୍ୟା ବାବଦରେ କୁହୁଣ୍ଡା ଗ୍ରାମର ମହିଳାମାନେ ବିଧାୟକଙ୍କୁ ସେମାନଙ୍କ ଅଭିଯୋଗ ଶୁଣାଇବାକୁ ଯିବାବେଳେ, ସେମାନଙ୍କୁ କୁଆଡେ ସଭାମଞ୍ଚ ନିକଟକୁ ଛଡା ଯାଇନଥିଲା । ଆମେ ତୁମ ଗାଁର ପାଣି କଥା ୨/୪ ଦିନ ଭିତରେ ବୁଝିବୁ ବୋଲି କହି ସେମାନଙ୍କୁ ଫେରେଇ ଦେଇଥିବା ଅଭିଯୋଗ ହୋଇଛି । କୁହୁଣ୍ଡା ପଞ୍ଚାୟତର ୮, ୯, ୧୦, ୧୧, ୧୨ ଓ ୧୩ ନମ୍ବର ୱାର୍ଡର ଅଧିକାଂଶ ସାହି ଓ ବସ୍ତିକୁ କୁହୁଣ୍ଡା ପାନୀୟଜଳ ପ୍ରକଳ୍ପରୁ ପାଣି ପହଞ୍ଚୁ ନଥିବା ଅଭିଯୋଗ ହୋଇଆସୁଛି । ଦୀର୍ଘ ୨୦ ବର୍ଷ ତଳେ ଏହି ପାଣି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ଦିନ ଠାରୁ ଆଜି ଭିତରେ ଅନେକ ଗାଁରେ ପାଣି ପାଇପ୍



ବିଛା ଯାଇନଥିଲା । ଅନେକ ବସ୍ତିରେ ପାଣି ଟ୍ୟାପ୍ ନାହିଁ । ଯେଉଁ ପାଣି ଟ୍ୟାପ୍ ଭଙ୍ଗା ଦଦରା ଅବସ୍ଥାରେ ଅଛି ସେଥିରୁ ପାଣି ବାହାରୁନାହିଁ । ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନ, ଆରଡବ୍ଲୁଏସଏସ ଅଧିକାରୀ, ଜିଲ୍ଲାପାଳଙ୍କ ଠାରୁ ନେତା ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଭିନ୍ନ ସମୟରେ କୁହୁଣ୍ଡା ପଞ୍ଚାୟତର ପିଇବା ପାଣି ସମସ୍ୟା ବାବଦରେ ଅଭିଯୋଗ ଦିଆଯାଇଛି । କିନ୍ତୁ ଫଳ ଶୁନ୍ । ଆଜିକା ଦିନରେ ୧୨ ଓ ୧୩ ନମ୍ବର ୱାର୍ଡ ଲୋକେ କଚିରୀ ପୋଖରୀରୁ ପାଣି ନେଇ ବ୍ୟବହାର କରୁଥିବା ବେଳେ, ବିରୂପା ନଦୀକୁ ପାଣି ପାଇଁ ଯାଉଛନ୍ତି । ସେହିପରି ୮ ନମ୍ବର ୱାର୍ଡର ଲୋକେ ଏବଂ କଲ୍ୟାଣପୁର ମୁଣ୍ଡା ସାହିର ଲୋକଙ୍କୁ ଚନ୍ଦନ ପୋଖରୀରୁ ପାଣି ନେବାକୁ ପଡୁଛି । ବସୁଧା ଯୋଜନାରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲୋକେ ନଈ ପୋଖରୀରୁ କାହିଁକି ପାଣି ନେଇ ବ୍ୟବହାର କରିବେ, ଏହାକୁ ନେଇ ବୁଦ୍ଧିଜୀବୀ ମାନେ ପ୍ରଶ୍ନ ଉଠାଇଛନ୍ତି । କୁହୁଣ୍ଡା ଭଳି ଏକ ଛୋଟିଆ ପଞ୍ଚାୟତରେ ଦୀର୍ଘ କୋଡିଏ ବର୍ଷ ଧରି ପାଣି ସମସ୍ୟାର ସମାଧାନ ହୋଇପାରୁନଥିବା ବେଳେ ଏହି ପଞ୍ଚାୟତର ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗର ଅଧିକାଂଶ ବସ୍ତିକୁ ପାଇପ୍ ଯୋଗେ ପିଇବା ପାଣି ପହଞ୍ଚୁନାହିଁ । ଆସନ୍ତା ସାଧାରଣ ନିର୍ବାଚନରେ ଲୋକେ ଏହାକୁ ନେଇ ଭୋଟ୍ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି ।

# ଏମ୍‌କେସିଜିରେ ରୋଗ ଠାରୁ ବଳି ଯାଉଛି ଧାଡ଼ି ଯନ୍ତ୍ରଣା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ସବୁଠାରୁ ବଡ଼ ଡାକ୍ତରଖାନା ହେଉଛି ଏମ୍‌କେସିଜି ବଡ଼ ଡାକ୍ତରଖାନା । ଏଠାରେ କେବଳ ବ୍ରହ୍ମପୁର କିମ୍ବା ଗଞ୍ଜାମ ଜିଲ୍ଲାବାସୀ ନୁହେଁ ବରଂ ଗଜପତି, ମାଲକାନାଗିରି, ନବରଙ୍ଗପୁର ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତ ଅଞ୍ଚଳବାସୀ ନିର୍ଭର କରିଥାନ୍ତି । ପ୍ରତିଦିନ ସକାଳୁ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ନିମନ୍ତେ ଏଠାକୁ ଆସୁଥିବା ବେଳେ ଡ଼ାକ୍ତରଙ୍କୁ ଭେଟିବା ପୂର୍ବରୁ ଚିଠା ଖଣ୍ଡିଏ ପାଇଁ ଲମ୍ବା ଲାଇନ୍‌ରେ ଠିଆ ହୋଇ ଯେଉଁ ଯନ୍ତ୍ରଣା ଭୋଗୁଛନ୍ତି ତାହା ରୋଗ ଯନ୍ତ୍ରଣା ଠାରୁ ବଳିପଡୁଥିବା ଅଭିଯୋଗ କରିଛନ୍ତି । ଚିଠା ଖଣ୍ଡିଏ ପାଇବା ପାଇଁ କେତେକ ସ୍ଥାନରେ ରୋଗୀ ନିଜେ ଧାଡ଼ିରେ ରହିବାକୁ ପଡୁଛି ତ କେତେକ ସ୍ଥାନରେ ରୋଗୀଙ୍କ ସମ୍ପର୍କୀୟ ଧାଡ଼ିରେ ରହୁଛନ୍ତି । ବଡ଼ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଏହି ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅନ୍‌ଲାଇନ୍ ଟିକଟ ବ୍ୟବସ୍ଥା କରିଥିବା ବେଳେ ଅଧିକାଂଶ ଏ ସମ୍ପର୍କରେ ଅବଗତ ନାହାନ୍ତି । ବିଶେଷ କରି ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀ ଅନ୍‌ଲାଇନ୍ ଟିକଟ ବୁକିଂ ସମ୍ପର୍କରେ ଆଦୌ ଜାଣିନଥିବା କହୁଛନ୍ତି । ପ୍ରତିଦିନ ସକାଳ ସାଢ଼େ ୯ଟାରୁ ଦିନ ଗୋଟାଏ ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଓପିଡ଼ିରେ ରୋଗୀ ଚିକିତ୍ସା କରାଯାଏ । ଏଥିପାଇଁ ଲୋକେ ସକାଳୁ ସକାଳୁ ଆସି ଟିକଟ କାଉଣ୍ଟର ନିକଟରେ ଲମ୍ବା ଲାଇନ୍ ଲଗାଉଥିବା ଦେଖିବାକୁ



ମିଳୁଛି । ଅପରାହ୍ନରେ ଯଦିଓ ଭିଡ଼ ବିଶେଷ ନଥାଏ କିନ୍ତୁ ସକାଳ ଅବସ୍ଥା କହିଲେ ନ ସରେ । ଟିକଟ ଖଣ୍ଡିଏ ପାଇବା ପରେ ରୋଗୀ କେଉଁ ବିଭାଗକୁ ଯାଇ ଡ଼ାକ୍ତରୀ ଚିକିତ୍ସା ପାଇବାକୁ ଚାହାଁନ୍ତି ସେଠାରେ ବି ଲାଇନ୍ । ଅବଶ୍ୟ ଟିକଟ ଲାଇନ୍ ଠାରୁ ଏହା କମ୍ କିନ୍ତୁ ସେଠାରେ ବି ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି । ଡାକ୍ତରଙ୍କୁ ଭେଟି ଚିକିତ୍ସା ପରାମର୍ଶରୁ ଯଦି ରକ୍ତ, ମଳ, ମୂତ୍ର ପରୀକ୍ଷା କରି ରିପୋର୍ଟ ଆଣିବାକୁ କହନ୍ତି ତେବେ ଆଇଡିସିରେ ଅସମ୍ଭାଳ ଭିଡ଼ । ଏମ୍‌କେସିଜି କର୍ତ୍ତୃପକ୍ଷ ଏଠାରେ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିଥିଲେ ହେଁ ରକ୍ତ ପରୀକ୍ଷା କରିବା ପାଇଁ ରୋଗୀଙ୍କୁ ଅକଥନୀୟ ଯନ୍ତ୍ରଣା ଭୋଗିବାକୁ ପଡୁଛି । ଏହି ରିପୋର୍ଟ ପାଇ ରୋଗୀ ପୁଣି ଡ଼ାକ୍ତରଙ୍କୁ ଭେଟି ଚିକିତ୍ସା ପରାମର୍ଶ କରିବାକୁ ସେହି ଦିନ ସମ୍ଭବ ହୋଇପାରୁନାହିଁ । ରିପୋର୍ଟ ଆଣିବା ପରେ ଆସନ୍ତା ଦିନକୁ ଅପେକ୍ଷା କରିବାକୁ ପଡୁଛି । ଏମ୍‌କେସିଜି ବଡ଼ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ ଉପଯୁକ୍ତ ଚିକିତ୍ସା ନପାଇ କିଛି ରୋଗୀଙ୍କ ମୃତ୍ୟୁ ହେଉଥିବା ବେଳେ କିଛି ରୋଗୀ ବାଧ ହୋଇ ଉତ୍ତମ ଚିକିତ୍ସା ପାଇଁ ବାହାର ମେଡ଼ିକାଲ୍‌କୁ ଚାଲିଯାଉଛନ୍ତି । ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ବଡ଼ଡ଼ାକ୍ତରଖାନାର ସ୍ଥିତ ଏଭଳି ଯେ, କିଛି ମାସ ବିଭାଗରେ ରୋଗୀଙ୍କୁ ଶଯ୍ୟା ନମିଳିବାରୁ ବାଧ ହୋଇ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି । ଏଠାରେ ଡାକ୍ତର ଅଭାବ ଆଉ ଏକ ସମସ୍ୟା ଭାବେ ମୁଣ୍ଡ ଟେକିଛି । କେତେକ ବିଭାଗରେ ରୋଗୀଙ୍କ ଭରସା ହୋଇଛନ୍ତି ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ । ରାଜ୍ୟ ସରକାର ଏମ୍‌କେସିଜି ବଡ଼ଡ଼ାକ୍ତରଖାନାକୁ ଏସ୍‌ସିବି ସ୍ତରୀୟ କରିବାକୁ ଯୋଜନା କରୁଥିବା ବେଳେ ରୋଗୀଙ୍କ ରୋଗ ଯନ୍ତ୍ରଣା ଠାରୁ ଏହି ଧାଡ଼ି ଯନ୍ତ୍ରଣା ଅହସ୍ୟ ହୋଇପଡୁଛି । ନିର୍ଦ୍ଦିଷ୍ଟ ସଂଖ୍ୟକ ଆଇସିୟୁ ରହିବା ଫଳରେ ବେଳେ ବେଳେ ଗୁରୁତର ରୋଗୀ ବି ଆଇସିୟୁ ପାଇପାରୁନାହାନ୍ତି । ଜିଲ୍ଲା ପ୍ରଶାସନ ଓ ଏମ୍‌କେସିଜି ବଡ଼ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଏଦିଗରେ ବିକଳ୍ପ ବ୍ୟବସ୍ଥା କରି ଟିକଟ ବ୍ୟବସ୍ଥାକୁ ସରଳୀକରଣ କରିବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

# ମଞ୍ଚ ନାଟକରେ ଅରଙ୍ଗାବାଦ୍ ଗ୍ରାମର ଭୂମିକା ଉଲ୍ଲେଖନୀୟ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଅରଙ୍ଗାବାଦ ଗ୍ରାମ କଳା ଓ ସଂସ୍କୃତିର ମାଟି ଅଟେ । ୧୯୫୯ରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ନେତୃତ୍ୱରେ ଅରଙ୍ଗାବାଦ ଗ୍ରାମ ଠାରେ ଶ୍ୟାମସୁନ୍ଦର କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ଅରଙ୍ଗାବାଦରୁ ପ୍ରଥମେ ନାଟକ ଆରମ୍ଭ ହେବା ସହିତ ସମଗ୍ର ଧର୍ମଶାଳା ଅଞ୍ଚଳକୁ ଏହା ପ୍ରସାରିତ ହୋଇଥିଲା । ମଞ୍ଚ ନାଟକ କ୍ଷେତ୍ରରେ ଅରଙ୍ଗାବାଦ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି ବୋଲି ଶ୍ୟାମସୁନ୍ଦର ନାଟ୍ୟ କଳା ପରିଷଦ ପକ୍ଷରୁ ଆୟୋଜିତ ନାଟକ ଉତ୍ସବରେ ମତପ୍ରକାଶ ପାଇଛି । ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଠାରେ ଦୁଇଦିନିଆ ନାଟକ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସବ୍ୟସାଚୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସାହସପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି ମୁଖ୍ୟଅତିଥି, ଆଜିର ଆହ୍ୱାନ ଖବରକାଗଜର ସମ୍ପାଦକ ମାନସ ଜେନା, ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ, କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ନାଟକ ମନୋରଞ୍ଜନର ଖୋରାକ ଦେବା ସହିତ ସାମାଜିକ ବାର୍ତ୍ତା ଦେଇଥାଏ । ବାସ୍ତବ ଜୀବନର କଥା ଏବଂ ସାମ୍ପ୍ରତିକ ସମୟର ଚିତ୍ର ନାଟକରେ ପ୍ରତିଫଳିତ ହୋଇଥାଏ । ନାଟକରେ ଆମ ସଂସ୍କୃତି ଓ ପରମ୍ପରାର କାହାଣୀ ରହିବା ଉଚିତ୍ । ଉପଯୁକ୍ତ ନାଟକ ଆଦର୍ଶ ବ୍ୟକ୍ତି, ପରିବାର ଓ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମଞ୍ଚାସୀନ ଅତିଥି ମତବ୍ୟକ୍ତ କରିଥିଲେ । ଯୁବ ସଂଗଠନ ରଞ୍ଜନ ଓଝା ସଭା ସଂଯୋଜନା କରିଥିଲେ । ଏହି ଅବସରରେ ପୁରାତନ କଳାକାର ଦେବାଶିଷ ନାଏକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ଦାସ, ଲାଙ୍ଗୁଡି ସୁରକ୍ଷା ମଞ୍ଚ ସଭାପତି ଆଲୋକ ଜେନା ସାମନ୍ତଙ୍କ ପ୍ରତିନିଧି ମହେଶ୍ୱର ରାଉତ, ଅନୁଷ୍ଠାନର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଉଦୟଭାନୁ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦେବଦତ୍ତ ପଣ୍ଡା, ସୁଧାଂଶୁ ଜେନା, ବିଚିତ୍ରାନନ୍ଦ ଦାସ, ସୁଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ 'ତୋ ବିନା ମୁଁ ଅଧା ଅଧା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା । ଶହ ଶହ ଦର୍ଶକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଉପସ୍ଥିତ ରହି ନାଟକକୁ ଉପଭୋଗ କରିଥିଲେ ।

# କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଶଙ୍ଖ ଜନସମ୍ପର୍କ ପଦଯାତ୍ରା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଶଙ୍ଖ ଜନସମ୍ପର୍କ ପଦଯାତ୍ରାର ୨୨ତମ ଦିନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମୁରିବାହାଲ ବ୍ଲକ ପତ୍ରାପାଳି (ଖ) ଡଙ୍ଗରପଡା ପଞ୍ଚାୟତର ଦନ୍ଦ୍ରା, ଡ଼ୁଙ୍ଗରପଡ଼ା, ମାଲିବାହାଲ, ମଖାପାଲି, ପତ୍ରାପାଳି, ଜାମୁଟ, ଲାରୀପଡା, ସାହାଯପାଣି, ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏକ୍ସ କମାଣ୍ଡୋ ବିଜେଡି ନେତା ଗିରିରାଜ ସିଂ ମାଝୀ, ବଲାଙ୍ଗୀର ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ପିଙ୍କି ଖର୍ଶେଲ, କଶ୍ୟପ ସରାଫ, ଯୁଧିଷ୍ଠିର ଭାରସାଗରିଆ, ଦିଲୀପ ସାହୁ, ବଳିୟାର ସିଂ ମାଝୀ, କପିଳାସ ଭୋଇ, ଗୁରୁଦେବ ମାଝୀ, କୁମୁନ୍ଦ ଭୋଇ, ବାସୁଦେବ ନାଗ, ସୁରେନ୍ଦ୍ର ପୁଟେଲ, ମଳୟ ପୁଟେଲ, ଦୈତାରୀ ଭୋଇ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ବିଶ୍ୱନାଥ ସାହୁ, କଣ୍ଟାବାଞ୍ଜି ବିଜେଡି ସଭାପତି ଦେବାର ବାରିକ, ଅମିତ ସାହୁ, ବିଟୁ ସାଙ୍ଘା, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଯୋଶବନ୍ତ ମାଝୀ ଉପସ୍ଥିତ ଥିଲେ ।

# ବାରିପଦାରେ ଆଦି ଫେଷ୍ଟ ଉଦ୍‌ଯାପିତ:ମୁଖ୍ୟ ଆକର୍ଷଣ ସାଜିଲେ ଗୋବିନ୍ଦା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ପାରମ୍ପରିକ ଲୋକକଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଆଦିର ବିକାଶ ଲକ୍ଷ୍ୟରେ ବାରିପଦା ସହର ସ୍ଥିତ ଐତିହାସିକ ଛଉ ପଡ଼ିଆ ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଜନଜାତି ସାଂସ୍କୃତିକ ସମ୍ମିଳନୀ ଆଦିଫେଷ୍ଟର ରବିବାର ଉଦ୍‌ଯାପନ ହୋଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ମରୋଡା



ବିଧାୟକ ରାଜକିଶୋର ଦାସ, ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡା ଦେବାଶିଷ ମାରାଣ୍ଡିଙ୍କ ସମେତ ଅନେକ ବରିଷ୍ଠ ବିଜେଡି ନେତା ପ୍ରମୁଖ ଉପସ୍ଥିତ ରହିଥିଲେ । ଓଡ଼ିଶାର ପାରମ୍ପରିକ ଲୋକକଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଆର୍ଥିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପାରମ୍ପରିକ କଳା ଓ ସଂସ୍କୃତିର ପୁନଃ ଉଦ୍ଧାର ତଥା ପୁରାତନ ଗୌରବକୁ ବଜାୟ ରଖିବା ପାଇଁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଉତ୍ସବରେ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଲୋକକଳାର ପ୍ରଦର୍ଶନ ସହିତ କଳା ସହ ଜଡ଼ିତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସରକାରଙ୍କ ତରଫରୁ ପାରମ୍ପରିକ ବାଦ୍ୟଯନ୍ତ୍ର ମାନ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ କଳାକାର ଯୋଗଦେଇଥିଲେ । ଅନେକ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହିଥିବା ଛଉ ପଡ଼ିଆ ଲୋକାରଣ୍ୟ ହୋଇଥିଲା ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଭାବେ ବଲିଉଡର ନାମିଦାମୀ ଅଭିନେତା ଗୋବିନ୍ଦା ଯୋଗ ଦେଇଥିଲେ । ଏଥି ସହିତ ବଲିଉଡ କଣ୍ଠଶିଳ୍ପୀ ଜୁନ ଦାସ, ଅଭିନେତ୍ରୀ ସଞ୍ଜୟ ସିଂ ବାରି, ମିରଣ୍ଡା ଦାସ, ପାର୍ଶୀ ମାରାଣ୍ଡି, ଲିପ୍ସା ଦାସ ଏବଂ ସ୍ଥାନୀୟ କଳାକାରମାନେ ଉପସ୍ଥିତ ରହି ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ ।

## ଅତଲାପୁର ପଞ୍ଚାୟତରେ ବିଜେଡ଼ି କର୍ମୀ ସମାବେଶ

**ରସୁଲପୁର, ନ୍ୟୁଜ୍ ବ୍ୟୁରୋ**

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତରେ ବିଜେଡ଼ି ଯୁବନେତା ସଂଜୀବ କୁମାର ଜେନାଙ୍କ ପକ୍ଷରୁ ଏକ କର୍ମୀ ସମାବେଶ ଆୟୋଜନ କରାଯାଇଛି । ଯୁବନେତା ପ୍ରଫୁଲ ସାହୁଙ୍କ ନେତୃତ୍ୱରେ ଯୁବନେତା ଜେନା କର୍ମୀମାନଙ୍କ ସହ ଏକ ବିରାଟ ପଟୁଆରରେ ଅତଲାପୁର ପଞ୍ଚାୟତ ପରିକ୍ରମା କରିବା ସହ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ । ପଞ୍ଚାୟତ ସ୍ଥିତ ପ୍ରଭୁ ଗୋପୀନାଥ ଜୀଉଙ୍କ ମନ୍ଦିରର ଚନ୍ଦନ ମଣ୍ଡପ ନିକଟରେ ଆୟୋଜିତ ସାଧାରଣ ସଭାରେ ଯୁବନେତା ଜେନା ଯୋଗଦେଇ ଜନସାଧାରଣଙ୍କ ଆଶ୍ରୀର୍ବାଦ ଭିକ୍ଷା କରିବା ସହ ସେ ବିଜେଡି ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ବୋଲି ନିଜକୁ ଅଭିହିତ କରିଥିଲେ । ଯୁବନେତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶର ସମାବେଶର ପ୍ରମୁଖ ବିନ୍ଧାଣୀ କୁହାଯାଉଥିବା ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କ ନିକଟତମ ବ୍ୟକ୍ତି ସେକ୍ ସଫିକ୍ ଉଦ୍ଦିନ (ଟାଲି) ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜେଡି ଦଳ ଓ ଦଳର ମୁଖିଆଙ୍କୁ ପ୍ରଶଂସା କରିବା ସହ ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କୁ ଆକ୍ଷେପ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ସମାବେଶରେ ଅନ୍ୟତମ ଅତିଥି ଭାବରେ ବରୀ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷା ଭାରତୀ ବେହେରା, ନୀଳମଣି ସାମଲ, ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ସାହୁ, ଯୁବନେତା ବୀରବର ପଲେଇ, ପଞ୍ଚାୟତ ବିଜେଡି ସଭାପତି ଉଦ୍ଧବ ଚରଣ ପୃଷ୍ଟି, ଯୁବନେତା ଖଗେଶ୍ୱର ବାରିକ, କାର୍ତ୍ତିକ ଚନ୍ଦ୍ର ସାହୁ, ସବୀର ଅଲ୍ଲୀ, ଦୀପକ ସାହୁ, ସୁବାଷ ସାହୁ, ମାନସ ରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହଜାର ହାଜର ସମର୍ଥକ ଯୋଗଦେଇ ଥିଲେ ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ସଭା

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନରେ ଥିବା କେଗାଁ ବନାଞ୍ଚଳ ତରଫରୁ ବେତରାଜପାଲି ଠାରେ ଜଙ୍ଗଲ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ କେଗାଁ ବନାଞ୍ଚଳ ଜୟନ୍ତପୁର ବିଟ ବନରକ୍ଷୀ ସୁନିତା ପୁଟେଲ ଓ ଗୁନି ମହାରଣା ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଗଛ ନ କାଟିବା ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ । ପରେ ଆମ ଜଙ୍ଗଲ ଯୋଜନା ଦଳପତି ବିକାଶ କୁମାର ତାଣ୍ଡି ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ଜଙ୍ଗଲ ପୋଡିବା ଦ୍ୱାରା ଗଛଲତା ନଷ୍ଟ ହେବା ସଙ୍ଗେ ଜୀବଜନ୍ତୁ ଗୁଡ଼ିକ ପୋଡିଯିବା ସମ୍ଭାବନା ରହୁଛି । ଏପଟେ ଜଳବାୟୁ ପରିବର୍ତ୍ତନ ଦେଖାଦେଉଛି । ଯାହାଫଳରେ ଅନେକ ମରୁଡିର ସମ୍ମୁଖୀନ ହେଉଛନ୍ତି ଚାଷୀକୁଳ । ଏ ନେଇ ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ପାଇଁ ଗାଁ ଗାଁରେ ସଚେତନ ସଭା କରାଯାଉଥିବା ଉଭୟ ବନରକ୍ଷୀ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବନସୁରକ୍ଷା ସମିତି ସଭାପତି ରାମେଶ୍ୱର ପୁଟେଲ୍, ବିକାଶ ଅଧିକାରୀ ରୋମାନଞ୍ଜଲ ବାଗ, ମହେଶ କୁମାର ମିଶ୍ର, ଯୋଗଦେଇଥିବା ବେଳେ ଜଗୁଆଳି ଚରଣସିଂ ଧରୁଆ ସହଯୋଗ କରିଥିଲେ ।

# ବିଷମ କଟକରେ ଯୁଗ୍ମ ଅଭିଯୋଗ ଶୁଣାଣି:୪୩ ମାମଲା ପଞ୍ଜିକୃତ

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହ ଠାରେ ରାୟଗଡ଼ା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧିକ୍ଷକ ହରିଷ ବିସି, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସହଟା ଉପସ୍ଥିତ ରହି ୪୩ଟି ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ ଗୁଡିକର ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ମୋଟ ୪୩ଟି ଅଭିଯୋଗ ମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୪ଗୋଟି ସାମୁହିକ ଅଭିଯୋଗ ଦାଖଲ ହୋଇଥିଲା । ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨୦୦୦ ଟଙ୍କା ଦେବା ନିମନ୍ତେ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ସେହିପରି ମୁନିଗୁଡ଼ା, ବିଷମ କଟକ ଏବଂ



ଚନ୍ଦ୍ରପୁର ବ୍ଲକର ୨୬ ଜଣ ଆଦିବାସୀ ଯୁବ ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ରାଶି ସମ୍ମାନିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ତରଫରୁ ୧ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲାପାଳ ଶ୍ରୀ ମହାଜନ ପ୍ରଦାନ କରିଛନ୍ତି । ଏହି ଅଭିଯୋଗ ଶିବିରରେ ବିଶେଷ କରି ରାସ୍ତାଘାଟ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାନୀୟ ଜଳ ଆଦି ଉପରେ ଦରଖାସ୍ତ ଗୁଡିକ ଦାଖଲ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଲାଲ ମୋହନ ରାଉତରାୟ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ ଗୁଣପୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ପିଡି, ୱାଟରସେଡ ଡ଼ଃ ଦୟାନିଧି ବାଗ, ସିଡିଏଓ ମନୋଜ ପ୍ରଧାନ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ହାଡ଼ିବନ୍ଧୁ ଭୋଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର, ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ, ଓରମାସ ଡେପୁଟି ସିଓ ମନୋଜ ପାତ୍ର, ଓଡ଼ିଶା ଜୀବିକା ମିଶନ ଡିପିଏମ ହେମନ୍ତ ବାଘ, ଗ୍ରାମୀୟ ନିର୍ମାଣ ସହକାରୀ ଯନ୍ତ୍ରୀ, ଅବକାରୀ, ପୋଲିସ ବିଭାଗର ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ଓ ବ୍ଲକ କର୍ମଚାରୀ ଶିବିର ପରିଚାଳନା କରିଥିଲେ । ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ବିଷମ କଟକ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ ।

# ଖାଦ୍ୟ ସୁରକ୍ଷାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନର ଶୁଭାରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବାରୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁରର ଡିଲର୍ ରାଜକିଶୋର ପଣ୍ଡାଙ୍କ ଡିଲର ପଏଣ୍ଟଠାରେ ଜିଲ୍ଲା ପରିଷଦର ଅଧକ୍ଷା ଗୀତାଞ୍ଜଳି ସେଠୀ ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରି ରାଜ୍ୟ ସରକାରଙ୍କ ଯୋଜନାର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ୨ ଲକ୍ଷ ୯୮ ହଜାର ୭୩୩ ଜଣ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୨ ହଜାର ୮୦ଜଣ ଅନ୍ତର୍ଭୁକ୍ତ ହୋଇଛନ୍ତି । ମୋଟ୍ ୩ ଲକ୍ଷ ୨୦ ହଜାର ୮୧୩ ଜଣ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଇ-ପଏଣ୍ଟ ଅଫ୍ ସେଲ୍ ଠାରେ ପ୍ରଥମେ ହିତାଧିକାରୀଙ୍କ ଆଧାର ଭେରିଫିକେସନ୍ କରାଯିବ । ଆଧାର ପ୍ରମାଣିତ ହେବାପରେ ହିତାଧିକାରୀଙ୍କୁ ଉକ୍ତ ଅର୍ଥରାଶି ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ରହିଛି ଯେ, କୌଣସି ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ନହୁଅନ୍ତୁ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସମୟରେ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ୱାର୍ଡ ମେମ୍ବର, ଡିଲର୍, ହିତାଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ଅସହାୟ ବିଧବା ମାନଙ୍କୁ ଆର୍ଥିକ ସହାୟତା ପ୍ରାଦନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ଓ ଆର୍ଥିକ ସ୍ତରରେ ସଶକ୍ତି କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶଙ୍କ ଦ୍ୱାରା ଜିଲ୍ଲାର ୯ ଜଣ ଦୁସ୍ଥ ବିଧବାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫୦୦୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆର୍ଥିକ ଥଇଥାନ ନିମନ୍ତେ ଓ ସାମାଜିକ ଜୀବନକୁ ସୁଦୃଢ ତଥା ସ୍ୱାବଲମ୍ବୀ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରା ସମସ୍ତ ହିତାଧୀକାରୀଙ୍କୁ ଚେକ୍ ମାଧ୍ୟମରେ ଜିଲ୍ଲାପାଳ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି । ଜିଲ୍ଲାର ସୋନପୁର ବ୍ଲକ, ବୀରମହାରାଜପୁର ବ୍ଲକ, ତରଭା ବ୍ଲକ ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ସହାୟତା ପାଇଥିବା ୯ ଜଣ ଦୁସ୍ଥ ବିଧବାମାନେ ହେଲେ ପଞ୍ଚମୀ ବାଗ, ଉତ୍ତମା ଛତ୍ରିଆ, ରଜନୀ ମହାନନ୍ଦ, ଅନ୍ନପୂର୍ଣ୍ଣ ଛତ୍ରିଆ, ଶ୍ରୀ ବାଗ, ସୁବର୍ଣ୍ଣ ବିଭାର, ଠନ ସୁନ୍ଦରୀ କୁମ୍ଭାର, ଅହଲ୍ୟା ବାରିକ୍ ଓ ସୁପ୍ରଭା ଜଗଦଲା ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ନିଜାରତ ଶାଖା ଅଧିକାରୀ ବିଶିକେସନ ପ୍ରଧାନ, ଜିଲ୍ଲା ଜରୁରୀ ଶାଖା ଅଧିକାରିଣୀ ସିୟନ୍ତିକା ଶୁଭଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ୧୦୯ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ ଓ ଏସ୍‌ପି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟୱାରି, ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୧୦୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ସମସ୍ୟା ସମ୍ପର୍କୀୟ ୧୦୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସମ୍ପର୍କୀୟ ୧୩ଟି, ଆବାସ



ଯୋଜନା ସମ୍ପର୍କୀୟ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୮ଟି, ଭତ୍ତା ପାଇବା ପାଇଁ ୧୦ଟି, ପୋଲିସ ସହାୟତା ପାଇବା ପାଇଁ ୫ଟି, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇବା ପାଇଁ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଏଟି ସିରିଜ ଉଠାଣରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପର ବିଜୟ ବରାଳ ପ୍ରଥମ ପୁରସ୍କାର ଲାଭ କରିଛନ୍ତି । ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅବସରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଶ୍ରୀ ବରାଳଙ୍କୁ ପୁରସ୍କାର ରାଶି ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ ଦାସ ଉପସ୍ଥିତ ଥିଲେ । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର ତାରିଣୀ ରଞ୍ଜନ ରାୟ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

# ପରିବାର ଅଦାଲତର ମାନବିକତା ଆଗରେ ହାର ମାନିଲା ବିବାହ ବିଚ୍ଛେଦ ମାମଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପରିବାର ଅଦାଲତର ମାନବିକତା ଆଗରେ ସ୍ୱାମୀ ସ୍ତ୍ରୀଙ୍କର ବିବାହ ବିଚ୍ଛେଦ ମାମଲା ହାର ମାନିଥିବା ଘଟଣା ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁଯାଇ ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ଆଶ୍ରମ ବାଲିକୁଦା ଗ୍ରାମର ଦୁର୍ଗା ଚରଣ ବାରିକଙ୍କ ପୁତ୍ର ତୀର୍ଥ ପ୍ରସାଦ ବାରିକ ସେହି ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ବାବାଜୀ ଚରଣ ବାରିକଙ୍କ କନ୍ୟା ସୁଜାତା ବାରିକଙ୍କୁ ଜୁନ୍ ୩ ତାରିଖ ୨୦୧୨ ମସିହାରେ ବିବାହ କରିଥିଲେ । ଉଭୟଙ୍କ ଔରଷରୁ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ବିବାହର କିଛିଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ସ୍ୱାମୀ ତୀର୍ଥ ପ୍ରସାଦ ପରିବାର ଅଦାଲତରେ ଏକ ବିବାହ ବିଚ୍ଛେଦ ମାମଲା ଦାଏର କରିଥିଲେ । ଯାହାର ନଂ-



୫୭/୨୦୨୩ । ଉକ୍ତ ମକଦ୍ଦମା ବିଚାର ଚାଲିଥିବା ବେଳେ ବିଚାରପତି ବିକାଶ ଚନ୍ଦ୍ର ଦେଙ୍କ ଉଦ୍ୟମରେ ଉଭୟ ପକ୍ଷଙ୍କ ଓକିଲଙ୍କ ପ୍ରୟାସ ଯୋଗୁଁ ସ୍ୱାମୀ ସ୍ତ୍ରୀଙ୍କ ଉଜ୍ଜ୍ୱଳ ସଂସାର ଯୋଡି ହୋଇଯାଇଥିବା ଜଣାପଡିଛି । ଉଭୟ ସ୍ୱାମୀ ସ୍ତ୍ରୀ ନିଜର ପୁତ୍ର ସନ୍ତାନକୁ ଧରି ହସ ଖୁସିରେ ଉଭୟ ପରିବାରଙ୍କ ଉପସ୍ଥିତିରେ ଘରକୁ ଫେରିଛନ୍ତି । ଉପରୋକ୍ତ ମକଦ୍ଦମାକୁ ସ୍ୱାମୀଙ୍କ ତରଫରୁ ସୁରେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରୁଥିବା ବେଳେ ସ୍ତ୍ରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବିଚିତ୍ର କୁମାର ସାହୁ ପରିଚାଳନା କରିଥିଲେ ।

# ମହାକାଳପଡ଼ା-ଅଳାଇଲୋରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା । ପଞ୍ଚାୟତ ଓ ଅଳାଇଲୋ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାକାଳପଡ଼ା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ପଞ୍ଚାୟତର ସରପଞ୍ଚ ରତିକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୁବୋଧ ଲେଙ୍କା, ସମାଜସେବୀ ସୁରଭି ଜେନା, ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ଉପାଧକ୍ଷ ବିଜୟ ଶୁକ୍ଲା, ସିଡ଼ିପିଓ କବିତା ମଲିକ ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମତ୍ସ୍ୟଜୀବୀଙ୍କୁ ସହାୟତା, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନଶକ୍ତି ପ୍ରଭୃତି ଯୋଜନା ସମ୍ପର୍କରେ ଲୋକମାନଙ୍କର ଆଗରେ ତଥ୍ୟ ଉପସ୍ଥାପନ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଚାଷୀମାନେ ଉପକୃତ ହେବା ସହ ଶିକ୍ଷାନୁଷ୍ଠାନ



ଗୁଡ଼ିକର କଳେବର ପରିବର୍ତ୍ତନ, ମୁଖ୍ୟମନ୍ତ୍ରୀ ଗ୍ରାମସଡ଼କ ଯୋଜନା ସମ୍ପର୍କରେ କହିଥିଲେ । ଏଥିସହ ସଞ୍ଜୟ କୁମାର ଜେନା, ଅଭିଳାଷ ଦାସ, ସଂଗ୍ରାମ କେଶରୀ ବେହେରା, ବୁଧିଆ ମଲିକ, ରବିନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ । ମହାକାଳପଡ଼ା ପଞ୍ଚାୟତର ଏମ୍‌ବିକେ ମମତା ମହାପାତ୍ରଙ୍କ ସମେତ ସଭାନେତ୍ରୀ ଓ ସମ୍ପାଦିକା ଉପସ୍ଥିତ ରହିଥିଲେ । ସେହିପରି ଅଳାଇଲୋ ପଞ୍ଚାୟତ ତରଫରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଳାଇଲୋ ପଞ୍ଚାୟତର ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ଦାସ, ପୂର୍ବତନ ସରପଞ୍ଚ ଭକ୍ତ ଚରଣ ପଣ୍ଡା, ପ୍ରଫୁଲ୍ଲ ବେହେରା, ଅମୀୟ ନାୟକ, ବିଜୟ ଜେନା, ସନ୍ତୋଷ କରଙ୍କ ସମେତ ପଞ୍ଚାୟତର ବହୁ ବୁଦ୍ଧିଜୀବୀ ଓ ସମାଜସେବୀ ଭାଗ ନେଇଥିଲେ । ଦୁଇଟି ପଞ୍ଚାୟତ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ ।

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୩୧ • ୨୬ ଫେବୃୟାରୀ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-31 • 26th February 2024, Monday • Bhubaneswar | Licensed to post without pre-payment of postage No- BN-60/22-24


## ପଞ୍ଚମ ଥର ପାଇଁ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିଲେ ପ୍ରମୋଦ ଭଗତ








# ରାଜ୍ୟର ଯୁବକଙ୍କ ପାଇଁ ଆସିବ ଯୁବ ବଜେଟ୍

ଭୁବନେଶ୍ୱର, ୨୫।୨

ନ୍ୟୁଜ୍ ବ୍ୟୁରୋ



ଖୁବଶୀଘ୍ର ରାଜ୍ୟର ଯୁବକଙ୍କ ପାଇଁ ଆସିବ ଯୁବ ବଜେଟ୍ ବା ୟୁଥ ବଜେଟ୍। ୨୦୩୬କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ୧୦୦ ବର୍ଷ ପୂରିବ। ୨୦୩୬ ବେଳକୁ ଓଡ଼ିଶାକୁ ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନକୁ ୨୦୩୪ ପର୍ଯ୍ୟନ୍ତ ଟାର୍ଗେଟ ଦେଇଛନ୍ତି । ବଳକା ଦୁଇ ବର୍ଷ ମଧ୍ୟରେ ଲକ୍ଷ୍ୟ ହାସଲରେ ତ୍ରୁଟି ବିଚ୍ୟୁତି ଥିଲେ ସୁଧୁରା ଯାଇପାରିବ। ଆସନ୍ତା ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ସବୁ ଦିଗରୁ ସଶକ୍ତ କରାଯିବ, ଯେଉଁଥିରେ ଜଣେ ବ୍ୟକ୍ତି ଯାହା ସ୍ୱପ୍ନ ଦେଖିବ ତାହାକୁ କିଭଳି ସାକାର କରାଯାଇପାରିବ ସେସବୁ ସମ୍ବଳ ଉପଲବ୍ଧ ହୋଇପାରୁଥିବ। ଏହାକୁ ରାଜ୍ୟର ସୁବର୍ଣ୍ଣ ଯୁଗ ବୋଲି କୁହାଯିବ। ଏହି ଲକ୍ଷ୍ୟ ହାସଲରେ ରାଜ୍ୟର ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ରାଜ୍ୟ ବଜେଟ୍‌ର ଏକ ବଡ ଭାଗ ଯୁବ ବିଜେଟ ପାଇଁ ବିନିଯୋଗ ହେବ। ଯାହାଦ୍ୱାରା ଯୁବକଙ୍କ ସବୁ ସ୍ୱପ୍ନକୁ ସାକାର କରିବେ ରାଜ୍ୟ ସରକାର। ଛାତ୍ରଛାତ୍ରୀମାନେ ଏହାଦ୍ୱାରା ନିଜ ଭବିଷ୍ୟତ ପାଇଁ ବଡ ସ୍ୱପ୍ନ ଦେଖିପାରିବେ। ମୁଖ୍ୟମନ୍ତ୍ରୀ ନିଜର ପ୍ରତିଟି ଟର୍ମରେ କିଛି ନୂଆ କରିଛନ୍ତି। ସେ ଦାରିଦ୍ର୍ୟ ଦୁରୀକରଣ ଠାରୁ ଆରମ୍ଭ କରି ମହିଳା ସଶକ୍ତିକରଣ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଏକ ନୂଆ ଚିନ୍ତାଧାରା ସହ କାର୍ଯ୍ୟ କରିଥାନ୍ତି। ଏବେ ଯୁବ ବଜେଟ୍ ଦ୍ୱାରା ସାରା ବିଶ୍ୱକୁ ମୁଖ୍ୟମନ୍ତ୍ରୀ *(ଭିତର ପୃଷ୍ଠାରେ)*

# ବିଶ୍ୱରେ ଚମକିବ ବାରବାଟୀ ଷ୍ଟାଡିୟମ

କଟକ, ୨୫।୨ : ନ୍ୟୁଜ୍ ବ୍ୟୁରୋ



ଐତିହାସିକ ବାରବାଟୀ ଷ୍ଟାଡିୟମ ହେବ ବିଶ୍ୱସ୍ତରୀୟ । ଏଥିପାଇଁ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ହେଲେ ଏହାକୁ ନେଇ ବିରୋଧୀ ଗୋଷ୍ଠୀ ଅପପ୍ରଚାର କରୁଛନ୍ତି, ଯାହାର ଉଚିତ ଜବାବ ଦେଇଛନ୍ତି ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା। ରାଜ୍ୟ ସରକାର ସବୁ ଖେଳ ଭଳି କ୍ରିକେଟର ବିକାଶ ଚାହୁଁଛନ୍ତି । ରାଜ୍ୟ ତଥା କଟକ ପାଇଁ ଏତେ ବଡ ଯୋଜନା ହେଉଥିବାରୁ ଅଯଥା ବିବାଦ ନ କରି ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

ବିଶ୍ୱରେ ଚମକିବ ବାରବାଟୀ ଷ୍ଟାଡିୟମ। ପାଇବ ୱାର୍ଲ୍ଡ କ୍ଲାସ କ୍ରିକେଟ ଫିଲ୍ଡର ମାନ୍ୟତା। ଆସନ୍ତା ତିନିବର୍ଷ ମଧ୍ୟରେ ବଦଳିବ ସମ୍ପୂର୍ଣ୍ଣ ରୂପରେଖ । ଏଥିପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର । ହେଲେ କିଛି ନ୍ୟସ୍ତସ୍ୱାର୍ଥ ଲୋକ ଏହାକୁ ନେଇ ଅପପ୍ରଚାର କରି ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି । ସେମାନଙ୍କ ଉତ୍ତର ରଖିଛନ୍ତି ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା । ଐତିହାସିକ ବାରବାଟୀ ଷ୍ଟାଡିୟମର ନବକଳେବର ପାଇଁ ପୁରା ଷ୍ଟାଡିୟମ ଭଙ୍ଗାଯିବାର କୌଣସି ଯୋଜନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ହରେକୃଷ୍ଣ ମହତାବ, ଭୈରବ ମହାନ୍ତିଙ୍କ ଉଦ୍ୟମରେ ଏକ ଟଙ୍କିଆ ଲଟେରୀ ଟଙ୍କାରୁ ୬୦ ଦଶକରେ ବାରବାଟୀ ଷ୍ଟାଡିୟମ ତିଆରି ହୋଇଥିଲା । ଗ୍ୟାଲେରୀ ସବୁ ୬୦ ବର୍ଷ ପୁରୁଣା । ତେଣୁ ଏହାକୁ ଆଗାମୀ ୫୦ ବର୍ଷ ପାଇଁ ଏକ ସୁନ୍ଦର ଷ୍ଟାଡିୟମ କରିବାକୁ ହେଲେ ପୁରୁଣା ଗ୍ୟାଲେରୀ ଭାଙ୍ଗି ଆମକୁ ନୂଆ ଗ୍ୟାଲେରୀ କରିବାକୁ *(ଭିତର ପୃଷ୍ଠାରେ)*




30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଫେବୃୟାରୀ ୨୦୨୪ ସୋମବାର



# ଥାଇଲାଣ୍ଡରେ ପ୍ରଦର୍ଶିତ ହେବ ବିଏସ୍‌କେୱାଇରେ ଲିଙ୍ଗଗତ ସମାନତା ପୋଷ୍ଟର

**ଭୁବନେଶ୍ୱର, ୨୫/୨**
**ନ୍ୟୁଜ ବ୍ୟୁରୋ**

ଥାଇଲାଣ୍ଡ ଯିବେ ଷ୍ଟେଟ୍ ହେଲଥ ଆସ୍ୟୁରାନ୍ସ ସୋସାଇଟି ବା ସାହସ ପ୍ରତିନିଧି । ସ୍ୱାସ୍ଥ୍ୟ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ୍ସପୋଜର ଭିଜିଟ୍ କରାଯିବ । ଥାଇଲାଣ୍ଡରେ ଆୟୋଜନ ହେବ ପିଏମଏସି ୨୦୨୪ । ସେଠାରେ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲିଙ୍ଗଗତ ସମାନତା ସମ୍ପର୍କରେ ପୋଷ୍ଟର ପ୍ରଦର୍ଶନ କରିବେ । ଯାହା ଉପସ୍ଥାନ ଓ ଅନ୍ୟାନ୍ୟ ନେଟୱର୍କିଂ କାର୍ଯ୍ୟରେ ସୁବିଧା ଯୋଗାଇବ । ସ୍ୱାସ୍ଥ୍ୟ ବିଭାଗ ଓ ଏଚଏସଟିପି ମିଶି ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ଏଚଏସଟିପି ସହାୟତାରେ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ । କମ୍ପ୍ରେହେନସିଭ୍ ପ୍ରାଇମେରୀ ହେଲଥ କେୟାରକୁ ଅଧିକ ସଶକ୍ତ କରିବା ପାଇଁ ହାତକୁ ନିଆଯିବ ବିଭିନ୍ନ କାର୍ଯ୍ୟକ୍ରମ । କମ୍ପ୍ରେହେନସିଭ୍ ପ୍ରାଇମେରୀ ହେଲଥ କେୟାର ସୁଦୃଢ଼ ହେଲେ, ସେକେଣ୍ଡାରୀ ଓ ଟର୍ସିଆରୀ ସ୍ତର ଉପରେ ଚାପ କମିବ । ଏହା ଜରିଆରେ ଲୋକଙ୍କ ପାଖକୁ ସହଜରେ ପହଞ୍ଚି ପାରିବ ଚିକିତ୍ସା ସୁବିଧା । କିଛି ଚିହ୍ନଟ ଜିଲ୍ଲାରେ ଜରୁରୀକାଳୀନ ଓ ଟ୍ରମା କେୟାର ସେବାକୁ ଆହୁରି ଭଲ କରିବାକୁ ପଦକ୍ଷେପ ନିଆଯିବ । ଯାହାକୁ ଅତିରିକ୍ତ ଡିଏମଇଟି ନିର୍ଦ୍ଦେଶକ ମନିଟର କରିବେ । ଏଚଏସଟିପି ଓ ଅତିରିକ୍ତ ଡିଏମଇଟି ନିର୍ଦ୍ଦେଶକ ମିଳିତ ଭାବେ କାମ କରି ସେସବୁ ଜିଲ୍ଲାର ଆବଶ୍ୟକତାକୁ ପୂରଣ କରିବେ । ଏଥିସହ ଭେକ୍ଟର ବର୍ଣ୍ଣ ରୋଗର ଶୀଘ୍ର ସର୍ଭେଲାନ୍ସ, ଚିହ୍ନଟ ଓ ଚିକିତ୍ସା ସେବାକୁ ବି ସୁଦୃଢ଼ କରାଯିବ । ବିନା ପ୍ରେସକ୍ରିପସନରେ ଔଷଧ ନ ଦେବା ନିୟମକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯିବ ।




କଟକ : ଚୌଧୁରୀ ବଜାର ସ୍ଥିତ କର୍ମବୀର ଗୌରୀଶଙ୍କର ଟାଉନ୍ ହଲ୍ ଠାରେ ଆୟୋଜିତ କାନ୍ତକବି ସ୍ମୃତି ସଭାରେ ମଞ୍ଚାସୀନ ଅଛନ୍ତି ବିଶିଷ୍ଟ ବ୍ୟକ୍ତିମାନେ । (ଫଟୋ : ସମ୍ବାଦ କଳିକା)

# ଡ. ଅଭୟ ନାୟକ ହେଲେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ଶାଖାର ନୂତନ ଅଧ୍ୟକ୍ଷ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରବିବାର ଭୁବନେଶ୍ୱର ସତ୍ୟନଗର ସ୍ଥିତ ପୂର୍ତ୍ତ ଡାକବଙ୍ଗଳା ସଭାକକ୍ଷରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରଘୁନାଥ ପଣ୍ଡା । ଏହି ସଭାରେ ସରକାରଙ୍କ ଭାଷା ଓ ସାହିତ୍ୟରୁ ପ୍ରୋତ୍ସାହନକୁ ଆଖିଆଗରେ ରଖି ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ କେମିତି ଏହା ତ୍ୱରାନ୍ୱିତ ହେବ ସେଥିପାଇଁ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା । ଶିକ୍ଷାୟତନ ଏବଂ ଗଣମାଧ୍ୟମରେ ଓଡ଼ିଆ ସାହିତ୍ୟର ଚର୍ଚ୍ଚା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହାପରେ ନିର୍ବାଚନ ଅଧିକାରୀ ପ୍ରଫେସର ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଯେଉଁଥିରେ ଡ. ଅଭୟ କୁମାର ନାୟକଙ୍କୁ ସର୍ବସମ୍ମତିକ୍ରମେ ଅଧ୍ୟକ୍ଷ ରୂପେ ଚୟନ କରାଯାଇଥିଲା । ଡ. ଅଭୟ ନାୟକ ଅଧୁନା, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନର କୁଳସଚିବ ରୂପେ କାର୍ଯ୍ୟରତ । ଏତଦ୍‌ବ୍ୟତୀତ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ. ସ୍ମରପ୍ରିୟ ମିଶ୍ର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରକାଶ ପାଣିଗ୍ରାହୀ ଉପାଧ୍ୟକ୍ଷ ରୂପେ ମନୋନୀତ ହୋଇଥିଲେ । ଡ. ସନ୍ତୋଷ କୁମାର ମହାପାତ୍ର ସାଧାରଣ ସମ୍ପାଦକ, ନାରାୟଣ ନାୟକ ସଂଗଠକ ସମ୍ପାଦକ ଏବଂ ଅଜିତ କୁମାର ଦାଶ, ରାମକୃଷ୍ଣ ତ୍ରିପାଠୀ, ପ୍ରତିଭା ପ୍ରିୟଦର୍ଶିନୀଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । କାର୍ଯ୍ୟକାରୀ ସଦସ୍ୟ ଭାବରେ ବାରଜଣଙ୍କୁ ବିଭିନ୍ନ ଜିଲ୍ଲାରୁ ଚୟନ କରାଯାଇଥିଲା । ସେମାନେ ହେଲେ ଡ. ପ୍ରମୋଦିନୀ ନୋ, ଡ. ଶିବପ୍ରିୟା ମିଶ୍ର, ଡ. କାଳିକିଙ୍କର ପଟ୍ଟନାୟକ, ଅବିନାଶ ଦାସ, ଭ୍ରମରବର ସାହୁ, ସଂଯୁକ୍ତ ପରିଚ୍ଛା, ଡ. କଲ୍ୟାଣୀ ମିଶ୍ର, ଡ. ଗୋପାଳକୃଷ୍ଣ ପାଢ଼ୀ, ଡ. ଗିରିଜା ଶଙ୍କର ରଥ, ରମାକାନ୍ତ ମହାନ୍ତି, ପ୍ରମୋଦ କୁମାର ପରିଡ଼ା ଓ ଡ. ରଘୁନାଥ ଓଝା ।

ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ନୂତନ ଭାବେ ନିର୍ବାଚିତ ଅଧ୍ୟକ୍ଷ ଡ. ଅଭୟ ନାୟକ କହିଲେ ଯେ, ଆଗାମୀ ଦିନରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଲୋକପ୍ରିୟ କରିବା ସଙ୍ଗେ ସଙ୍ଗେ ପଞ୍ଚସଖା ସାହିତ୍ୟକୁ ପରିବ୍ୟାପ୍ତ କରିବାକୁ ପଦକ୍ଷେପ ନେବ । ଜାତୀୟ ସ୍ତରରେ ଓଡ଼ିଆ ସାହିତ୍ୟ କେମିତି ଅଗ୍ରଭାଗରେ ରହିପାରିବ ସେଥିପ୍ରତି ପ୍ରଯତ୍ନ କରାଯିବା ସଙ୍ଗେ ସଙ୍ଗେ ଓଡ଼ିଶାର ପ୍ରତି ଜିଲ୍ଲାରେ ସାହିତ୍ୟ ସଂଗଠନ ମାଧ୍ୟମରେ ପରିଷଦର ଆଭିମୁଖ୍ୟକୁ ବିସ୍ତାର କରାଯିବ ।

ନୂତନ ଭାବେ ମନୋନୀତ ହୋଇଥିବା ସାଧାରଣ ସମ୍ପାଦକ ଡ. ସନ୍ତୋଷ ମହାପାତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ ଏବଂ ସଂଗଠନ ସମ୍ପାଦକ ନାରାୟଣ ନାୟକ ସାଂଗଠନିକ ବିସ୍ତାର ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଶେଷରେ ଚିନ୍ମୟ ବୋଡ଼େ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରର ଜୀବନରେଖା (ଭାରତୀୟ ରେଳ) ଷ୍ଟେସନଗୁଡ଼ିକର ରୂପାନ୍ତରଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅମୃତ ଷ୍ଟେସନ ସ୍କିମ୍ ଅଧୀନରେ ପୂର୍ବତଟ ରେଳପ୍ରାଧିକରଣରେ ଥିବା ୫୭ଟି ରେଳଷ୍ଟେସନ୍ (ଓଡ଼ିଶାର ମଧ୍ୟ ୫୭ଟି ଷ୍ଟେସନ୍) ପୁନଃ ନିର୍ମାଣ କରାଯାଉଛି ।

ଏହି ୫୭ ଷ୍ଟେସନଗୁଡ଼ିକ ହେଉଛି- ଅନଗୁଳ, ବାଦାମପାହାଡ଼, ବାଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ଼ ରୋଡ଼, ବାରିପଦା, ବରପାଲି, ବେଲପାହାଡ଼, ବେତନଟି, ଭଦ୍ରକ, ଭବାନୀପାଟଣା, ଭୁବନେଶ୍ୱର, ବିମଲାଗଡ଼, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦାମନଯୋଡ଼ି, ଢେଙ୍କାନାଳ, ଗୁଣପୁର, ହରିଶଙ୍କର ରୋଡ଼, ହୀରାକୁଦ, ଯାଜପୁର-କେନ୍ଦୁଝରରୋଡ଼, ଜଳେଶ୍ୱର, ଜେରୋଳୀ, ଜୟପୁର, ଝାରସୁଗୁଡ଼ା, ଝାରସୁଗୁଡ଼ା ରୋଡ଼, କାଣ୍ଟାବାଞ୍ଜୀ, କେନ୍ଦୁଝରଗଡ଼, କେସିଙ୍ଗା, ଖରିଆର ରୋଡ଼, ଖୋର୍ଦ୍ଧା ରୋଡ଼, କୋରାପୁଟ, ଲିଙ୍ଗରାଜ ମନ୍ଦିର ରୋଡ଼, ମଞ୍ଚେଶ୍ୱର, ମେରାମୁଣ୍ଡଳି, ମୁନିଗୁଡା, ନୂଆ ଭୁବନେଶ୍ୱର, ପାନପୋଶ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢ଼ାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟାଗଡା, ରାଉରକେଲା, ସାଖୀଗୋପାଳ, ସମ୍ବଲପୁର, ସମ୍ବଲପୁର ସହର, ତାଳଚର, ତାଳଚର ରୋଡ଼, ଟିଟିଲାଗଡ଼ ଜଙ୍କସନ ।

ପ୍ରଥମ ପର୍ଯ୍ୟାୟରେ, ଗତବର୍ଷ ଠାରୁ କିଛି ପ୍ରମୁଖ ଷ୍ଟେସନ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି । ପୁନଃ ନିର୍ମାଣ କାର୍ଯ୍ୟ ପାଇଁ ୨୫ ରେଳଷ୍ଟେସନ ଚୟନ ହୋଇସାରିଛି । ଏହି ଷ୍ଟେସନଗୁଡ଼ିକ ହେଉଛି ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନଗୁଳ, ରାଜଗାଙ୍ଗପୁର, ମେରାମୁଣ୍ଡଳି, ବାଲୁଗାଁ, ଲିଙ୍ଗରାଜ ମନ୍ଦିର ରୋଡ, ତାଳଚେର ରୋଡ୍, ଖୋର୍ଦ୍ଧା ରୋଡ, କାଣ୍ଟାବାଞ୍ଜୀ, ବରଗଡ଼ ରୋଡ଼, ହୀରାକୁଦ, ରେଢ଼ାଖୋଲ, ବରପାଲି, ମୁନିଗୁଡ଼ା, ବଲାଙ୍ଗୀର, ହରିଶଙ୍କର ରୋଡ, ଜଳେଶ୍ୱର, ଭବାନୀପାଟଣା, ଖରିଆର ରୋଡ, ବଡ଼ବିଲ, ବାରିପଦା ଏବଂ ଦାମନଯୋଡ଼ି ଷ୍ଟେସନ୍ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନଃନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଇଥିଲେ, ଯେଉଁଠାରେ ଓଡ଼ିଶାର ୨୫ରୁ ଅଧିକ ଷ୍ଟେସନ୍ ଅନ୍ତର୍ଭୁକ୍ତ କରାଯାଇଥିଲା ।



ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶାରେ ଆହୁରି ୨୧ଟି ଷ୍ଟେସନର ମୂଳଦୁଆ ପକାଇବାକୁ ଯାଉଛନ୍ତି ଯେଉଁଥିରେ ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଝାରସୁଗୁଡ଼ା ରୋଡ଼, ସମ୍ବଲପୁର ସହର, ଟିଟିଲାଗଡ଼, କେସିଙ୍ଗା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ବିମଳାଗଡ଼, ଜାରୋଲି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟୀ, ଭଦ୍ରକ, ବେଲପାହାଡ଼, ବ୍ରଜରାଜନଗର ଏବଂ ରାୟଗଡ଼ା ଷ୍ଟେସନ ।

ଗତ ୧୦ ବର୍ଷ ମଧ୍ୟରେ, ଓଡ଼ିଶାରେ ମୋଟ ୪୦୯ ରୋଡ୍ ଓଭର ବ୍ରିଜ୍ (ଆରଓବି) ଏବଂ ରୋଡ୍ ଅଣ୍ଡର ବ୍ରିଜ୍ (ଆରୟୁବିଏସ୍) ନିର୍ମାଣ ହୋଇ ସାରିଛି ଏବଂ ରାଜ୍ୟରେ ୨୨୦ ଆରଓବି / ଆରୟୁବିଏସ୍ ନିର୍ମାଣ କାର୍ଯ୍ୟ ଚାଲିଛି ।

ରେଳବାଇ ଦୀର୍ଘଦିନ ଧରି ବିଶ୍ୱପରିବହନ ନେଟୱାର୍କର ଏକ ଅତ୍ୟାବଶ୍ୟକ ଅଂଶ ହୋଇଆସିଛି, ଦକ୍ଷତା ଏବଂ ନିର୍ଭରଯୋଗ୍ୟତା ସହିତ ବହୁ ଦୂରତ୍ୱରେ ଲୋକ ଏବଂ ସାମଗ୍ରୀର ଗତିବିଧିକୁ ସୁଗମ କରିଥାଏ । ୧୯ତମ ଶତାବ୍ଦୀର ପ୍ରାରମ୍ଭିକ ବାଷ୍ପ ଲୋକୋମୋଟିଭ ଠାରୁ ଆଜିର ହାଲୁକା ସେମି ହାଇ ସ୍ପିଡ୍ ଟ୍ରେନ ପର୍ଯ୍ୟନ୍ତ ରେଳବାଇ ସମାଜର ପରିବର୍ତ୍ତିତ ଆବଶ୍ୟକତା ପୂରଣ ପାଇଁ କ୍ରମାଗତ ଭାବରେ ବିକଶିତ ହୋଇଛି । ଏହି ଆର୍ଟିକିଲରେ, ଆମେ ଆଧୁନିକ ଦୁନିଆରେ ରେଳବାଇର ମହତ୍ୱ ଅନୁସନ୍ଧାନ କରିବୁ, ଅର୍ଥନୀତି, ପରିବେଶ ଏବଂ ପୃଥିବୀର ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ଏହାର ପ୍ରଭାବ ପରୀକ୍ଷା କରିବୁ ।

ଅର୍ଥନୈତିକ ମେରୁଦଣ୍ଡ : ରେଳବାଇ ଅନେକ ଦେଶର ଅର୍ଥନୈତିକ ମେରୁଦଣ୍ଡ ଭାବରେ କାର୍ଯ୍ୟ କରେ, ଯାହା ବାଣିଜ୍ୟ ଏବଂ ବାଣିଜ୍ୟକୁ ବହୁ ପରିମାଣରେ ସୁଗମ କରିଥାଏ । ଦୀର୍ଘ ଦୂରତାରେ ସାମଗ୍ରୀ ପରିବହନ ପାଇଁ ଏକ ବ୍ୟୟବହୁଳ ମାଧ୍ୟମ ଯୋଗାଇ ରେଳ ଯୋଗାଣ ଶୃଙ୍ଖଳା, ଉତ୍ପାଦକ, ବିତରକ ଏବଂ ଗ୍ରାହକଙ୍କୁ ବିସ୍ତୃତ ଭୌଗୋଳିକ ଅଞ୍ଚଳରେ ସଂଯୋଗ ବିସ୍ତାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ମାଲ୍‌ପରିବହନ ବ୍ୟତୀତ ରେଳବାଇ ପର୍ଯ୍ୟଟନ ଏବଂ କୃଷିଭଳି ଶିଳ୍ପକୁ ମଧ୍ୟ ସମର୍ଥନ କରେ, ଦୁର୍ଗମ ଅଞ୍ଚଳ ତଥା ପର୍ଯ୍ୟଟନସ୍ଥଳୀକୁ ଅତ୍ୟାବଶ୍ୟକ ଲିଙ୍କ୍ ଯୋଗାଇଥାଏ ।

ଭିତ୍ତିଭୂମି ଆଧୁନିକୀକରଣ ଏବଂ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେଇ ଭାରତୀୟ ରେଳବାଇରେ ବହୁ ପରିବର୍ତ୍ତନ ଚାଲିଛି । ଯାତ୍ରୀମାନଙ୍କ ପାଇଁ ଏକ ଉତ୍ତମ ଅଭିଜ୍ଞତା ଯୋଗାଇବାପାଇଁ 'ଅମୃତ ଷ୍ଟେସନ'ର ଧାରଣା ଆଧୁନିକ ସୁବିଧା ଏବଂ ଉନ୍ନତ ସୁବିଧା ସହିତ ଷ୍ଟେସନଗୁଡ଼ିକର ବିକାଶକୁ ବୁଝାଏ । ଏହି ଷ୍ଟେସନଗୁଡ଼ିକ ସାଧାରଣତ ଉନ୍ନତ ଅପେକ୍ଷା କ୍ଷେତ୍ର, ପରିଷ୍କାର ପରିଚ୍ଛନ୍ନତା, ସାଇନେଜ୍ ଏବଂ ଅନ୍ୟାନ୍ୟ ଯାତ୍ରୀ-କେନ୍ଦ୍ରିକ ବୈଶିଷ୍ଟ ପ୍ରଦାନ କରେ ।

ରୋଡ୍ ଓଭର ବ୍ରିଜ୍ (ଆରଓବିଏସ୍) ଏବଂ ରୋଡ୍ ଅଣ୍ଡର ବ୍ରିଜ୍ (ଆରୟୁବିଏସ୍) ରେଳ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ଯାହାକି ଲେଭ୍‌କ୍ରସିଂ ହଟାଇବା ଏବଂ ରେଳପଥ-ସଡ଼କ ମିଶୁଥିବା ଛକରେ ସୁରକ୍ଷାକୁ ସୁଦୃଢ କରିବା ପାଇଁ ଉଦ୍ଦିଷ୍ଟ । ଏହି ସେତୁଗୁଡ଼ିକ ସଡ଼କ ଯାତାୟାତକୁ ରେଳ ଟ୍ରାକ୍ ଉପରେ କିମ୍ବା ତଳେ ଯିବାକୁ ଅନୁମତି ଦେଇଥାଏ, ଯାହାଦ୍ୱାରା ଦୁର୍ଘଟଣାର ଆଶଙ୍କା କମିଯାଏ ଏବଂ ଉଭୟ ରେଳ ଏବଂ ସଡ଼କ ଯାତାୟାତର ପ୍ରବାହ ବଢିଥାଏ ।

# ସଫଳତାର ନୂଆ ଇତିହାସ ଲେଖିବ 'ମିଶନ୍ ଶକ୍ତି ବଜାର'

## ଉପଲବ୍ଧ ହେବ ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ହାତ ତିଆରି ସାମଗ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭୁବନେଶ୍ୱରରେ ନିର୍ମାଣାଧୀନ ମିଶନ ଶକ୍ତି ବଜାର ବୁଲି ଦେଖିଛନ୍ତି । ୫-ଟି ଉପକ୍ରମରେ ଏହି ମିଶନ ଶକ୍ତି ବଜାର ପ୍ରତିଷ୍ଠା ହେଉଥିବା ବେଳେ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ । ସହରାଞ୍ଚଳ ଲୋକଙ୍କ ପାଇଁ ଏହି ମିଶନ ଶକ୍ତି ବଜାର ପ୍ରମୁଖ ଆକର୍ଷଣ ହେବ । ୧୦ ହଜାର ବର୍ଗଫୁଟ ଅଞ୍ଚଳରେ ନିର୍ମାଣାଧୀନ ଏହି ମିଶନ ଶକ୍ତି ବଜାରରେ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ଉତ୍ପାଦକୁ ବିକ୍ରି କରାଯିବ । ରାଜ୍ୟର ପ୍ରାୟ ଏକ ହଜାର ଉତ୍ପାଦ ଏଠାରେ ବିକ୍ରି କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ହାତ ତିଆରି ନାଲି ଚାଉଳ, ବ୍ରହ୍ମପୁର ଆଚାର, କନ୍ଧମାଳ ହଳଦୀ, ନୂଆପଡା ମହୁ, କେନ୍ଦ୍ରାପଡ଼ାର କଇଁଚ, ମୟୂରଭଞ୍ଜର ସବାଇ ଘାସ, କେନ୍ଦୁଝରର ଫୁଲ ବଡି ଆଦିର ବିକ୍ରି କରାଯିବ ।




ଏସ୍‌ଏଚ୍‌ଜିଙ୍କୁ ଏମ୍‌ଏସ୍‌ଏମ୍‌ଇରେ ପରିଣତ କରି ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ମହିଳାମାନେ ରୋଜଗାରକ୍ଷମ ହେଲେ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇପାରିବେ । ସେମାନେ ଆର୍ଥିକ ଓ ସାମାଜିକ ସ୍ତରରେ କିଭଳି ପ୍ରତିଷ୍ଠିତ ହୋଇପାରିବେ, ସେଥିପାଇଁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ୨୦୦୧ ମସିହାରେ ରାଜ୍ୟ ସରକାର ମିଶନ୍ ଶକ୍ତିର ଯେଉଁ ପରିକଳ୍ପନା କରିଥିଲେ, ତାହା କେବଳ ରାଜ୍ୟ ଭିତରେ ସୀମିତ ନାହିଁ, ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି । ଯେଉଁ ମହିଳାମାନେ ଦିନେ ଘରର ଚାରିକାନ୍ଥ ଭିତରେ ରହୁଥିଲେ, ସେମାନେ ଆଜି ଦେଶ ବାହାରକୁ ଯାତ୍ରା କରୁଛନ୍ତି । ସେମାନଙ୍କ ହାତତିଆରି ସାମଗ୍ରୀ ଘରେଘରେ ପହଞ୍ଚୁଛି । ମହିଳାମାନଙ୍କର ବିକାଶର ଏହି ଯାତ୍ରାକୁ ଆହୁରି ସୁଦୃଢ଼ ଓ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ବଜାରର ପରିକଳ୍ପନା ଦିନ କେଇଟା ପରେ ବାସ୍ତବତାର ରୂପ ନେବାକୁ ଯାଉଛି । ଭୁବନେଶ୍ୱରସ୍ଥିତ ଓରମାସ୍ ପରିସରରେ ନିର୍ମାଣାଧୀନ ଏହି ବଜାରର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବେ ବୋଲି ଜଣାଯାଇଛି ।

ଏହି ବଜାର ଖୋଲିଲେ, ମେଳା ମହୋତ୍ସବରେ ମିଳୁଥିବା ବିଭିନ୍ନ ଜିଲ୍ଲା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମା'ମାନଙ୍କ ହାତତିଆରି ଉତ୍ପାଦ ଏଠାରେ ବର୍ଷତମାମ ବିକ୍ରି ହେବ । ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ଉତ୍ପାଦଠାରୁ ଆରମ୍ଭ କରି ଜଙ୍ଗଲଜାତ ଦ୍ରବ୍ୟ ହାତପାହାନ୍ତାରେ ମିଳିବ । ଏହି ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡିଂ କରାଯାଇ ବିକ୍ରିବଟା କରାଯିବ । ଖୋର୍ଦ୍ଧା ମାତୃଶକ୍ତି ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଏହାକୁ ପରିଚାଳନା କରିବ । କମ୍ପାନୀରେ ମାର୍କେଟିଂ ପାଇଁ ବିଭିନ୍ନ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ । ଏହି ବଜାରରେ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ, କନ୍ଧମାଳ ହଳଦୀଠାରୁ ଆରମ୍ଭ କରି କୋରାପୁଟ କଫି, ଷ୍ଟ୍ରବେରୀ, ହଳଦୀ, ବଡ଼ି, ପାମ୍ପଡ଼, ଆଚାର, ବିଭିନ୍ନ ମସଲା, ମହୁ, ସମେତ ସବାଇ ହସ୍ତଶିଳ୍ପ, ଝୋଟ ସାମଗ୍ରୀ, ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ଏବଂ କାଇଁଚରୁ ତିଆରି ବିଭିନ୍ନ ସାମଗ୍ରୀ ଉପଲବ୍ଧ ରହିବ ।

ଏହାସହ ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ, ଯାହା ମା'ମାନେ ପ୍ରସ୍ତୁତ କରୁଥିବେ, ତାହା ମଧ୍ୟ ଏଠାରେ ମିଳିବ । କେନ୍ଦ୍ରାପଡ଼ା ରସାବଳିଠାରୁ ଆରମ୍ଭ କରି ନିମାପଡ଼ା ଛେନାଝିଲ୍ଲୀ ମଧ୍ୟ ଉପଲବ୍ଧ ହେବ । ମା'ମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ଓ ମାର୍କେଟ ଲିଙ୍କେଜ୍ ପାଇଁ ଓଡ଼ିଶା ଜୀବିକା ମିଶନ ଓ ଓରମାସ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବା ସହ ଏହି ବଜାରରେ ଏସ୍‌ଏଚ୍‌ଜିଙ୍କ ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ କରାଯିବ । ଯେକୌଣସି ସମୟରେ ଗ୍ରାହକମାନେ 'ମିଶନ ଶକ୍ତି ବଜାର' ଯାଇ ମା'ମାନଙ୍କ ହାତତିଆରି ସାମଗ୍ରୀ କିଣିବା ସାଙ୍ଗକୁ ବୁଲି ଦେଖିପାରିବେ । ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଦ୍ୱାରା ସମସ୍ତ ସାମଗ୍ରୀ ବିକ୍ରି କରାଯିବ । ବୋର୍ଡର ସଦସ୍ୟାମାନେ ବିଭିନ୍ନ ଜିଲ୍ଲାର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରିବଟା ନେଇ ନିଷ୍ପତ୍ତି ନେବେ । ବିକ୍ରିବଟା ପରେ ଲାଭାଂଶ ସିଧାସଳଖ ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ୍ ଖାତାକୁ ଯିବ । ରାଜଧାନୀର ଏକ ପ୍ରମୁଖ ସ୍ଥାନରେ ୧୦ହଜାର ବର୍ଗଫୁଟ୍ ଜାଗାରେ ନିର୍ମିତ ଏହି ମିଶନ୍ ଶକ୍ତି ବଜାର ରାଜ୍ୟର ମା'ମାନଙ୍କ ସଫଳତାର ଏକ ନୂଆ ଇତିହାସ ଲେଖିବ ।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାହିତ୍ୟର ଅନନ୍ୟ ବିନ୍ଧାଣି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତିର ଓଡ଼ିଆ ଭାଷାକୁ ଅବଦାନ ପାଇଁ ଓଡ଼ିଆ ଜାତି ସଦା ସର୍ବଦା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପାଖରେ ନିଜର ଭକ୍ତି ନିବେଦନ କରୁଥିବ ବୋଲି "କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା"ର ଉଦଘାଟନ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ଼.ହୃଷୀକେଶ ମଲ୍ଲିକ ମତ ରଖିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜର ମିଳିତ ସହଯୋଗରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରଗଣରେ ଏହି ସଭା ଅନୁଷ୍ଠିତ ହୋଇଛି । ସାହିତ୍ୟ ଏକାଡେମୀ ସଭାପତି ଡ଼.ହୃଷୀକେଶ ମଲ୍ଲିକଙ୍କ ପୌରହିତ୍ୟରେ ଏହି ସଭାରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ ଯୋଗ ଦେଇ ଭଞ୍ଜ-ସାହିତ୍ୟରେ ପ୍ରେମର ବିଭିନ୍ନ ଦିଗ ଉପରେ ଆଲୋଚନା କରି କହିଥିଲେ ଯେ ଉପେନ୍ଦ୍ର ଭଞ୍ଜଙ୍କ ପ୍ରେମ ଥିଲା ଦିବ୍ୟ ଓ ଏଥିରେ ସମାଜ ପାଇଁ ଅନେକ ସୁ-ଶିକ୍ଷା ଅଛି । ମୁଖ୍ୟବକ୍ତା ଡ଼ ବାଉରୀବନ୍ଧୁ ସାହୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଓଡ଼ିଆ ସାହିତ୍ୟ ଓ ଭାଷା ଭଣ୍ଡାରକୁ ଥିବା ଅନନ୍ୟ ଶବ୍ଦାବଳୀ ସବୁ ବାଖ୍ୟାନ କରିବା ସହ ଭଞ୍ଜ ସାହିତ୍ୟକୁ ଏକ ସମ୍ପୂର୍ଣ୍ଣ ସାହିତ୍ୟ ବୋଲି ପ୍ରମାଣିତ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଡ଼. କୀର୍ତ୍ତନ ନାରାୟଣ ପାଢ଼ୀ ଓଡ଼ିଶୀ ସଂଗୀତ ଭଣ୍ଡାରକୁ କବିସମ୍ରାଟଙ୍କ ଅବଦାନ ବିଷୟରେ ସୂଚନା ଦେବାକୁ ଯାଇ କହିଥିଲେ ଯେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମର୍ଯ୍ୟାଦା ଦେବାରେ ଭଞ୍ଜଙ୍କ ସାହିତ୍ୟ ହିଁ ଜାତିର ମାର୍ଗଦର୍ଶକ ହେବ । ସାହିତ୍ୟ ଏକଡ଼େମୀ ତରଫରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହ ରାଜଧାନୀରେ ସାହିତ୍ୟ ଏକାଡେମୀ ଓ କଳିଙ୍ଗ ଭାରତୀର ଏହି ପ୍ରୟାସ ଯୁବ ପିଢ଼ିଙ୍କ ମଧ୍ୟରେ ଭଞ୍ଜ ସାହିତ୍ୟ ପ୍ରତି ସଚେତନତା ଆଣିବ ବୋଲି କହିଥିଲେ । କଳିଙ୍ଗ ଭାରତୀ ସମ୍ପାଦକ ଡ଼. ଅଂଶୁମାନ କର ଧନ୍ୟବାଦ ପ୍ରଦାନ କରିଥିଲେ । ବରିଷ୍ଠ ସଙ୍ଗୀତଜ୍ଞ ଗୁରୁ ଶ୍ରୀ କେଶବ ଚନ୍ଦ୍ର ରାଉତ ଓ କୁମାରୀ ସୁନିତା ବିଶ୍ୱାଳ ଭଞ୍ଜ ସଂଗୀତ ପରିବେଷଣ କରିଥିବା ବେଳେ ଯୁବ ପିଢ଼ିଙ୍କ ମଧ୍ୟରେ ଭଞ୍ଜ-ସଂଗୀତ ପ୍ରତି ରୁଚି ସୃଷ୍ଟି କରିବାକୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଶୀ ସଂଗୀତ ଗାୟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯେଉଁଥିରେ ରାଜଧାନୀର ପ୍ରତିଷ୍ଠିତ ସଂଗୀତ ବିଦ୍ୟାଳୟର ଛାତ୍ର-ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଇଂ ଅଭିନନ୍ଦନ ଦାସ ଓ ଡ଼. କୀର୍ତ୍ତନ ନାରାୟଣ ପାଢ଼ୀ ବିଚାରକ ଭାବେ ଯୋଗ ଦେଇଥିଲେ । ଶ୍ରୀ ପ୍ରଭାତ କୁମାର ନନ୍ଦ, ଇଂ.ରଣଜୀତ କର, ଡ଼.ଅନୁପ ମାର୍ଥା, ମିହିର ପ୍ରହରାଜ, ଦେବସ୍ମିତା ମହାପାତ୍ର, ଅମୁଲ୍ୟ ସ୍ୱାଇଁ ଓ ସାଗରିକ ପ୍ରହରାଜଓ ସାହିତ୍ୟ ଏକାଡେମୀର କର୍ମକର୍ତ୍ତାମାନେ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଓଡ଼ିଶାର ଅନେକ ବିଶିଷ୍ଟ ଭଞ୍ଜ ସାହିତ୍ୟ ଓ ଭାଷାବିତ, ସାହିତ୍ୟ ପ୍ରେମୀ ସ୍ରୋତା, ପାଠକ ଆଦି ଯୋଗ ଦେଇ ଥିଲେ । କଳିଙ୍ଗ ଭାରତୀ ଦ୍ୱାରା ପ୍ରକାଶିତ ଅନେକ ସାହିତ୍ୟ ପୁସ୍ତକ ସବୁ ମଧ୍ୟ ପ୍ରଦର୍ଶନୀରେ ଲାଗିଥିଲା ।




# ପ୍ରଣବଙ୍କ ଦୃଢୋକ୍ତି: ୨୦୨୪ରେ ଐତିହାସିକ ବିଜୟ ହାସଲ କରିବ ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳ ଓଡ଼ିଶାର ଏକ ନମ୍ବର ଦଳ । ତାହା ଓଡ଼ିଶାବାସୀ ବିଗତ ଦୁଇ ଦଶନ୍ଧି ଧରି ପ୍ରମାଣିତ କରି ଆସିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଲୋକଙ୍କର ୨୦୦୦ ମସିହାରେ ଯେଉଁ ଆସ୍ଥା ଓ ବିଶ୍ୱାସ ଥିଲା ତାହା ଏବେ ଆହୁରି ବଢ଼ି ଚାଲିଛି । ଆଉ ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶାବାସୀଙ୍କ ପାଇଁ କାମ କରିଚାଲିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ରାଜ୍ୟବାସୀଙ୍କର ଥିବା ଭଲପାଇବା ପାଇଁ ୨୦୨୪ରେ ବିଜେଡି ଐତିହାସିକ ବିଜୟ ହାସଲ କରିବ । ଏନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ।

ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ' ବିଗତ କିଛି ବର୍ଷ ଧରି ଜାତୀୟସ୍ତରର ସବୁ ସର୍ଭେ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ୧ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଥିବାର ଗୌରବ ପ୍ରଦାନ କରିଛି । ସେହିଭଳି ୨୦୨୨ ପଂଚାୟତ ନିର୍ବାଚନରେ ୫୨ ପ୍ରତିଶତରୁ ଅଧିକ ଭୋଟ ହାର ସାଙ୍ଗକୁ ୩୦ ରୁ ୩୦ ଜିଲ୍ଲା ପରିଷଦରେ ଜିତାଇ, ବିଜୁ ଜନତା ଦଳ ଯେ ଓଡ଼ିଶାର ୧ ନମ୍ବର ରାଜନୈତିକ ଦଳ, ଓଡ଼ିଶାବାସୀ ତାହା ପ୍ରମାଣିତ କରିଛନ୍ତି । ଏହି ଦୁଇଟି ନିରାଟ ସତ୍ୟ, ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ବିଜୁ ଜନତା ଦଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବାକୁ ପ୍ରତିପାଦିତ କରୁଛି । ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟ ପାଇଁ ୧୦ ହଜାରରୁ ଅଧିକ ଆବେଦନ ଦଳ ପାଖରେ ପ୍ରାପ୍ତ ହୋଇଛି । ଅତ୍ୟନ୍ତ ଖୁସିର କଥା ଯେ, ବହୁ ସଂଖ୍ୟକ ପେଶାଦାର ବ୍ୟକ୍ତି ଏବଂ ଜାତୀୟ ରାଜନୈତିକ ଦଳମାନଙ୍କର ନେତାମାନେ ମଧ୍ୟ ବିଜେଡି ଟିକେଟ ପାଇଁ ଆବେଦନ କରୁଛନ୍ତି ।'



ପ୍ରଣବ ଆହୁରି ମଧ୍ୟ କହିଛନ୍ତି 'ଆମର ଦୃଢ଼ ବିଶ୍ୱାସ ଏହି ନିର୍ବାଚନରେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ବଳରେ ବିଜୁ ଜନତା ଦଳ ଏକ ଐତିହାସିକ ବିଜୟ ଆଡକୁ ଗତି କରୁଛି । ଏହି ବିପୁଳ ସଂଖ୍ୟକ ଆବେଦନ ଦର୍ଶାଉଛି, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ବଢ଼ି ଚାଲିଛି । ନବୀନ ବାବୁଙ୍କୁ ଲାଗାତାର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଓଡ଼ିଶାବାସୀ ମନ ସ୍ଥିର କରିସାରିଛନ୍ତି ।'

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟର ଯୁବକଙ୍କ...

ଦେଖାଇବେ ଯୁବ ଶକ୍ତିର ସାମର୍ଥ୍ୟ । ଯୁବ ଶକ୍ତିକୁ ସବୁ ପ୍ରକାର ସାମର୍ଥ୍ୟ ଯୋଗାଇବାକୁ ଏବେଠୁ ମୁଖ୍ୟମନ୍ତ୍ରୀ କାମ ଆରମ୍ଭ କରିଛନ୍ତି, ଯେଉଁଥିରେ ରାଜ୍ୟର ୬ହଜାର ୮୫୦ ହାଇସ୍କୁର ରୂପାନ୍ତରଣ କରାଯାଇଛି । ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ କ୍ଲାସରୁମ ଓ ଟେକ୍ନୋଲୋଜି ସହ ତାଳ ଦେଇ ଶିକ୍ଷା ଗ୍ରହଣର ମାଧ୍ୟମ ମିଳୁଛି । ଯୁବ ଶକ୍ତିକୁ ସ୍ୱାବଲମ୍ବୀ କରିବା ସହ ନିଜର ସ୍ୱପ୍ନକୁ ସାକାର କରିବାକୁ ବଳ ଯୋଗାଇବ ଯୁବ ବଜେଟ୍ ।

## ବିଶ୍ୱରେ ଚମକିବ...

ପଡିବ । ତେବେ ଯାଇ ଏହା ଉପରେ ୬୦ ହଜାର ବକେଟ ସିଟ୍ ଓ ରୁଫ୍ ଟପ୍ କରାଯାଇ ପାରିବ ବୋଲି କହିଛନ୍ତି ଆଶୀର୍ବାଦ । ବାରବାଟୀର ଐତିହ୍ୟ ବହନ କରୁଥିବା କ୍ଲକ ଟାୱାର, ହର୍ସ ଗେଟ, କ୍ଲବ ହାଉସ କାନ୍ଥରେ ଥିବା ସ୍ମୃତି ଓ ପେଣ୍ଟିଂକୁ ସଂପୂର୍ଣ୍ଣ ଅକ୍ଷୁର୍ଣ୍ଣ ରଖି କାମ କରାଯିବ । ତେଣୁ ୨୦ ରୁ ଅଧିକ ଆନ୍ତର୍ଜାତିକ ମ୍ୟାଚ, ୭ ଟି ଆଇପିଏଲ ମ୍ୟାଚ, ୨ଟି ଟେଷ୍ଟ ମ୍ୟାଚର ସଫଳ ଆୟୋଜନ କରି ବିଶ୍ୱ କ୍ରୀଡାରେ କଟକ ତଥା ଓଡ଼ିଶାର ସୁନାମ ବଢାଇଥିବା ବାରବାଟୀ ପୁଣିଥରେ ବିଶ୍ୱସ୍ତରରେ ନିଜର ଚମକ ଫେରି ପାଇବ । ରାଜ୍ୟ ତଥା କଟକ ପାଇଁ ଏତେ ବଡ ଯୋଜନା ହେଉଥିବାରୁ ଅଯଥା ବିବାଦ ନ କରି ସହଯୋଗ କରିବାକୁ ନିବେଦନ କରିଛନ୍ତି ଆଶୀର୍ବାଦ । ନବକଳେବର ପୂର୍ବରୁ ବୁଧବାର ସକାଳୁ ଷ୍ଟାଡିୟମ ବୁଲି ପୂରା ପ୍ରକଳ୍ପର ସମୀକ୍ଷା କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ୨୭ରେ ବାରବାଟୀ ନବୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ।





# ଘରୋଇ କାମରେ ପିସିଆର ବ୍ୟବହାର ମନା



ପିସିଆର ପାଇଁ ଜାରି ହେଲା ସ୍ୱତନ୍ତ୍ର ନିର୍ଦ୍ଦେଶନାମା

**କଟକ, ୨୫/୨ ନ୍ୟୁଜ ବ୍ୟୁରୋ**

କମିସନରେଟ୍ ପୁଲିସ ବ୍ୟବସ୍ଥାରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ନଜର ଦିଆଯାଉଛି। ଥାନାୱାରୀ ଦିଆଯାଇଥିବା ପିସିଆର ଭ୍ୟାନ୍‌ଗୁଡ଼ିକ ଯଦିଓ ଡ୍ୟୁଟିରେ ନିୟୋଜିତ ରହୁଛି ତେବେ ସେଥିରେ ଅବହେଳା ହେଉଥିବା ଅନେକ ସମୟରେ ଅଭିଯୋଗ ଉଠୁଛି। ଏହାକୁ ଦୃଷ୍ଟିରେ ରଖି ଡିସିପି ଡଃ କନ୍‌ୱର ବିଶାଲ୍ ସିଂ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ୫ଟି ପଏଣ୍ଟ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଘଟଣାସ୍ଥଳକୁ ପ୍ରଥମେ ପିସିଆର ଭ୍ୟାନ୍ ଯାଉଥିବାରୁ, ସେଥିରେ କାର୍ଯ୍ୟରତ ପୁଲିସ କର୍ମଚାରୀ ସାଧାରଣ ଲୋକଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବେ। ଘଟଣାସ୍ଥଳରୁ ତୁରନ୍ତ ନିକଟସ୍ଥ ଥାନାକୁ ଘଟଣା ସମ୍ପର୍କରେ ସୂଚନା ଦେବା ସହ ପରିସ୍ଥିତି ସମ୍ପର୍କରେ ଆଇଆଇସି କିମ୍ବା ଏସିପିଙ୍କୁ ଜଣାଇବେ। ଘରୋଇ କାର୍ଯ୍ୟରେ କୌଣସି ପିସିଆର ନିୟୋଜିତ ହେଉଥିବା ସୂଚନା ମିଳିଲେ, ଦାୟିତ୍ୱରେ ଥିବା ଅଫିସରଙ୍କୁ ନିଲମ୍ବନ କରାଯିବ। ପିସିଆର ଭ୍ୟାନ୍‌ଗୁଡ଼ିକରେ ଲାଗିଥିବା ଜିପିଏସ୍ ରିପୋର୍ଟକୁ ଡିସିପି ଡଃ ସିଂ ପ୍ରତ୍ୟେକ ଦିନ ଯାଞ୍ଚ କରିବେ। କୌଣସି ସ୍ଥାନରେ ବିନା କାରଣରେ ପିସିଆର ଭ୍ୟାନ୍‌କୁ ଛିଡ଼ା କଲେ, ସେ ସମ୍ପର୍କରେ ଭ୍ୟାନ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡ଼ିବ ଏବଂ ଦୁର୍ଘଟଣା ସମୟରେ ଆବଶ୍ୟକ ହେଲେ ଆହତଙ୍କୁ ମେଡିକାଲରେ ପହଞ୍ଚାଇବା କାର୍ଯ୍ୟକୁ ସୁଚାରୁ ଭାବେ କରିବାକୁ କୁହାଯାଇଛି। କଟକ ୟୁପିଡିର ସମସ୍ତ ପିସିଆରଡ୍ରାଇଭର ଓ କର୍ମଚାରୀଙ୍କୁ ଡାକି ଡିସିପି ଡଃ ସିଂ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଯେଉଁ ସହରର ଆଇନଶୃଙ୍ଖଳା ପରିସ୍ଥିତି ଯେତେ ଉନ୍ନତ ସେ ସହରର ପିସିଆର ଡ୍ୟୁଟି ସେତେ କଠୋର ବୋଲି ଡିସିପି କହିଛନ୍ତି। ଏଣୁ ନିଜ ଡ୍ୟୁଟିରେ ଅବହେଳା ପ୍ରଦର୍ଶନ ନକରିବାକୁ ପିସିଆର ଡ୍ରାଇଭରଙ୍କୁ କୁହାଯାଇଛି। ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ଦୈନିକ ୧ ହଜାରରୁ ଅଧିକ ଫୋନ୍ କଲ୍ ଆସୁଛି। ବିଭିନ୍ନ ଥାନାର ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। ଏଥିରେ ସୁଧାର ଆଣିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସହରର କ୍ୟାଣ୍ଟନମେଣ୍ଟ୍ ଥାନା, ବିଡ଼ାନାସୀ, ମର୍କତନଗର, ଫେଜ୍-୨, ଲାଲବାଗ, ପୁରୀଘାଟ, ମଧୁପାଟଣା, ଚାଉଳିଆଗଞ୍ଜ, ମାଲଗୋଦାମ, ମଙ୍ଗଳାବାଗ, ଦରଘାବଜାର, ମହିଳା, କନ୍ଦରପୁର, ଚୌଦ୍ୱାର, ଏନର୍ଜି, ସଦର, ବାରଙ୍ଗ, ବାଦାମବାଡି, ଜଗତପୁର, ଟ୍ରାଫିକ୍, ଏନଏଚ୍-ଟ୍ରାଫିକ୍, ୪୨ମୌଜା, ସାଇବର କ୍ରାଇମ୍ ଆଣ୍ଡ ଇକୋନମିକ୍ସ ଅଫେନ୍ସ ଏବଂ ସିସିଆରଆରଆଇ ଥାନାକୁ ମିଶାଇ ମୋଟ୍ ୨୪ଟି ଥାନାରେ ୨୪ଟି ପିସିଆର ଭ୍ୟାନ୍ ନିଯୁକ୍ତ କରାଯାଇଛି। କେତେକ ଥାନାରେ ୨ଟି ଲେଖାଁଏ ପିସିଆର ରହିଛି, ତାହା ଯଥେଷ୍ଟ ନୁହେଁ ବୋଲି ପିସିଆର କର୍ମଚାରୀ ଡିସିପିଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଏଭଳି ସ୍ଥିତିରେ ଥାନାଗୁଡ଼ିକର ପରିସୀମା ଅନୁସାରେ ଅଧିକ ସଂଖ୍ୟକ ପିସିଆର ଭ୍ୟାନ୍‌ର ଆବଶ୍ୟକତା ଥିବାରୁ ଅଧିକ ପିସିଆର ଭ୍ୟାନ୍ ଅଣାଯିବାର ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ପିସିଆର ଭ୍ୟାନ୍ କର୍ମଚାରୀଙ୍କ ଅଭାବ ଓ ପିସିଆର ଭ୍ୟାନ୍‌ର ଅଭାବ ଯୋଗୁଁ ପାଟ୍ରୋଲିଂକୁ ଠିକ୍ ଢଙ୍ଗରେ କରାଯାଇ ପାରୁନାହିଁ। ଏ ସମ୍ପର୍କରେ କମିସନରେଟ୍ ପୁଲିସର ଉଚ୍ଚସ୍ତରୀୟ କମିଟିକୁ ଲିଖିତ ଭାବେ ଜଣାଇ ଥିଲେ। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି।

# ସମୁଦ୍ରରେ ବୁଡ଼ିଯାଇଥିବା ଦ୍ୱାରକା ନଗରୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ : ପାଣି ଭିତରେ କଲେ ପ୍ରାର୍ଥନା

**ନୂଆଦିଲ୍ଲୀ, ୨୫/୨**



ଗୁଜୁରାଟର ଦ୍ୱାରକାରେ ସମୁଦ୍ର ଗଭୀରକୁ ଯାଇ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅଭିଜ୍ଞତା ଭାରତର ଆଧ୍ୟାତ୍ମିକ ଏବଂ ଐତିହାସିକ ମୂଳ ସହିତ ଏକ ବିରଳ ଏବଂ ଗଭୀର ସଂଯୋଗ ପ୍ରଦାନ କରିଛି ବୋଲି କହିଛନ୍ତି ଶ୍ରୀ ମୋଦି। ପ୍ରଧାନମନ୍ତ୍ରୀ ପାଣି ଭିତରେ ଦ୍ୱାରକା ନଗରୀକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ଭଗବାନ କୃଷ୍ଣଙ୍କୁ ଅର୍ପଣ କରିବା ପାଇଁ ସେ ସାଙ୍ଗରେ ମୟୂର ପୁଚ୍ଛ ନେଇଥିଲେ। ଶ୍ରୀ ମୋଦି ଟ୍ୱିଟରରେ ଏକ ପୋଷ୍ଟରେ ଲେଖିଛନ୍ତି, ବୁଡ଼ିଯାଇଥିବା ଦ୍ୱାରକା ସହରରେ ପ୍ରାର୍ଥନା କରିବା ଅତ୍ୟନ୍ତ ବିଶ୍ୱସ୍ତରୀୟ ଅନୁଭୂତି ଥିଲା । ମୁଁ ଆଧ୍ୟାତ୍ମିକ ଓ ଅନନ୍ତ ଭକ୍ତିର ଅନୁଭବ କରିଥିଲି । ଏକ ପ୍ରାଚୀନ ଯୁଗ ସହିତ ସଂଯୁକ୍ତ ବୋଲି ଅନୁଭବ କଲି। ଭଗବାନ ଶ୍ରୀକୃଷ୍ଣ ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ଶ୍ରୀ ମୋଦି କହିଛନ୍ତି, ମୁଁ ଭଗବାନ ଶ୍ରୀକୃଷ୍ଣଙ୍କ କର୍ମକ୍ଷେତ୍ର ଦ୍ୱାରକାଧାମକୁ ପ୍ରଣାମ କରୁଛି । ଭଗବାନ କୃଷ୍ଣ ଦେବଭୂମି ଦ୍ୱାରକାରେ ଦ୍ୱାରକାଧୀଶ ରୂପରେ ରୁହନ୍ତି। ଏଠି ଯାହାବି ଘଟୁଛି, ତାଙ୍କର ଇଚ୍ଛାନୁଯାୟୀ। ମୁଁ ସମୁଦ୍ର ଭିତରୁ ପ୍ରାଚୀନ ଦ୍ୱାରକାକୁ ଦେଖିଲି। ପ୍ରତ୍ନତତ୍ତ୍ୱ ବିଶେଷଜ୍ଞମାନେ ଦ୍ୱାରକା ବିଷୟରେ ଅନେକ ଲେଖିଛନ୍ତି, ଯାହା ସମୁଦ୍ରରେ ବୁଡ଼ି ରହିଛି । କୁହାଯାଏ ଯେ ଭଗବାନ ବିଶ୍ୱକର୍ମା ନିଜେ ଏହି ଦ୍ୱାରକା ସହର ନିର୍ମାଣ କରିଥିଲେ। ଆଜି ମୁଁ ବହୁତ ଖୁସି, ମୁଁ ବହୁତ ଭାବପ୍ରବଣ ଅଟେ। ଦଶନ୍ଧି ଧରି ମୁଁ ଯେଉଁ ସ୍ୱପ୍ନ ଦେଖୁଥିଲି, ଆଜି ସେହି ପବିତ୍ର ଭୂମି ସ୍ପର୍ଶ କରି ପୂରଣ ହେଲା। ରବିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦ୍ୱାରକା ମନ୍ଦିର ପରିଦର୍ଶନ କରିଥିଲେ। ଏଠାରେ ଦର୍ଶନ ପରେ ସେ ୨.୩୨ କିଲୋମିଟର ଲମ୍ବ ସୁଦର୍ଶନ ସେତୁକୁ ଉଦ୍‌ଘାଟନ କରିଥିଲେ। ଏହା ହେଉଛି ଦେଶର ଦୀର୍ଘତମ ଝୁଲା ସେତୁ, ଯାହାର ମୂଳଦୂଆ ୨୦୧୭ରେ ଶ୍ରୀ ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ୯୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

# ବିଜେପି ଛାଡ଼ି ବିଜେଡ଼ିରେ ମିଶିଲେ ୧୬ ସମିତିସଭ୍ୟ

**ଭୁବନେଶ୍ୱର, ୨୫/୨ ନ୍ୟୁଜ ବ୍ୟୁରୋ**




କଳାହାଣ୍ଡି ଜିଲ୍ଲା ଅର୍ନ୍ତଗତ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ୧୬ ସମିତି ସଭ୍ୟଙ୍କ ସହ ଶତାଧିକ ବିଜେପି କର୍ମୀ ରବିବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଉପସ୍ଥିତିରେ ବିଜେଡ଼ିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ପାତ୍ର, ଶ୍ରୀ ବଳବନ୍ତରାୟ ଓ ଶ୍ରୀ ସିଂହଦେଓ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଳାହାଣ୍ଡି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ପାତ୍ର, ଶ୍ରୀ ବଳବନ୍ତରାୟ ଓ ଶ୍ରୀ ସିଂହଦେଓ କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରବିବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ଦଳ ଆଗକୁ ଯାହା ଦାୟିତ୍ୱ ଦେବ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ କୁମାର ସାହୁ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ସମିତି ସଭ୍ୟ ସନ୍ତୋଷ ଦାଶ, ନଳିନୀ ମାଝୀ, ଗୀତା ସାହୁ, ଦାମ ଧରୁଆ, ତିଲୋତ୍ତମା ଜାଲ, ବଲବୀ ନାୟକ, ବିଦ୍ୟାଧର ହଞ୍ଜା, ସାଧବୀ ମାଝୀ, ଶୁକ୍ରୁ ମାଝୀ, ଜଗମୋହନ ମାଝୀ, ଗୋପାଳ ରଣା, ଟେକରାଜ ସାହୁ, ନୀଳେନ୍ଦ୍ରି ଝଙ୍କାର, ଜନନୀ ବେମଲ, ସୁମନ୍ତ ପାଢ଼ୀ, ଜଗଦୀଶ, ପୁର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ, ମେମ୍ବର ଜଗଦୀଶ ଭୋଇ, ବେଲାସେନ ଜାନୀ, ମନୋଜ ଜାନୀ, ପରମେଶ୍ୱର ଝଙ୍କାର, ବିଶ୍ୱନାଥ ମାଝୀ, ଘାସୀ ମାଝୀ, ଦୟା ବେମଲ, ଜନନୀ ବେମଲଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେପଟେ ବାଲିଗୁଡ଼ା ବ୍ଲକ ତୁମୁଡ଼ିବନ୍ଧରେ ବିଜେଡ଼ିର ମହା ମିଶ୍ରଣ ଅନୁଷ୍ଠିତ ହୋଇଯାଇଛି। ବିଜେପି ଓ କଂଗ୍ରେସ ଛାଡ଼ି ୭୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଶଙ୍ଖ ଧରିଛନ୍ତି। ବ୍ଲକ୍ ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି ଏହି ମିଶ୍ରଣ ପର୍ବ । ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ସଂଯୋଜକ ଟୁନା ଦାସ, ବିଧାୟକ ଚକ୍ରମଣୀ କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର ଏହି ମିଶ୍ରଣପର୍ବରେ ଉପସ୍ଥିତ ଥିଲେ। ସେହିପରି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେଡ଼ିରେ ସାମିଲ ହୋଇଛନ୍ତି ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପିର ପୂର୍ବତନ ସମିତିସଭ୍ୟ ।


